### ଗାଁ ସାଥୀ ସଂଘର ବାର୍ଷିକ ଉତ୍ସବ

**ବାଲିପାଟଣା,(ଡି.ଏନ୍.ଏ.):** ଜୟଦେବ ଗାଁ ସାଥି ସଂଘର ବାର୍ଷିକ ଉତ୍ସବ ଶୁକ୍ରବାର ବାଲିପାଟଣାସ୍ଥିତ ଗିରିଙ୍ଗେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଗାଁ ସାଥୀମାନଙ୍କ ସମସ୍ୟା ସମ୍ପର୍କରେ ବିଧାନସଭାରେ ଉଠାଇବେ ବୋଲି କହିଥିଲେ। ଅତିଥିଭାବେ ସାହିତ୍ୟିକ ପ୍ରଫୁଲ୍ଲ ତ୍ରିପାଠୀ, ଡା.ନେତ୍ରାନନ୍ଦ ଭୋଇ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ, କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଯୋଜକ ସେକ୍ ଗୁଲଜାର ହୁସେନଙ୍କ ସମେତ ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସଖା ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ସଭା, ହୋଟେଲ ଆର୍ଯ୍ୟ ପେଲେସ, ଅଶୋକ ନଗର, ପୂର୍ବାହ୍ନ ୧୦ଟା।
- ବିଏସ୍ଏନ୍ଏଲ, ଏସ୍ସି/ଏସ୍ଟି କର୍ମଚାରୀ କଲ୍ୟାଣ ସମିତିର ପଞ୍ଚମ ଓଡ଼ିଶା ମଣ୍ଡଳ ସମ୍ମିଳନୀ ଓ ସାଧାରଣ ଅଧିବେଶନ, ଆଞ୍ଚଳିକ ଦୂରସଞ୍ଚାର ପ୍ରଶିକ୍ଷଣ କେନ୍ଦ୍ର ସଭାକକ୍ଷ, ପ୍ରଥମ ମହଲା, ରୁମ୍ ନଂ.୧୧୪, ବାଣୀ ବିହାର, ପୂର୍ବାହ୍ନ ୧୧ଟା ୩୦।
- ପେନ୍ ଇନ୍ ବୁକ୍ସ ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ହୋଟେଲ ଏକ୍ସେଲେନ୍ସି, ଷ୍ଟେଶନ ପାଖ, ଅଶୋକ ନଗର, ଅପରାହ୍ନ ୫ଟା।

## ସଂକ୍ଷେପରେ

### କଂଗ୍ରେସ ସେବାଦଳ ସଦ୍ଭାବନା ସମାବେଶ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଡିସେମ୍ବର ୨୬ରେ ସଦ୍ଭାବନା ସମାବେଶ ହେବ। ଏନେଇ ସେବାଦଳ ଅଧକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦେଶ କଂଗ୍ରେସର ଓଡ଼ିଶା ପ୍ରଭାରୀ ଏ.ଚେଲ୍ଲାକୁମାର ଯୋଗଦେଇ କହିଲେ, କଂଗ୍ରେସ ସେବାଦଳର ଗୌରବମୟ ଇତିହାସ ରହିଛି। ସେବାଦଳ କଂଗ୍ରେସର ମେରୁଦଣ୍ଡ ଭଳି କାର୍ଯ୍ୟ କରିଥାଏ। ଅନ୍ୟତମ ଅତିଥି ଏଆଇସିସି ସମ୍ପାଦକ ଜି.ରୁଦ୍ର ରାଜୁ କହିଛନ୍ତି, ଛାତ୍ର ଯୁବକମାନେ ଦେଶର ଭବିଷ୍ୟତ। ସେମାନଙ୍କ ଭିତରେ ରାଷ୍ଟ୍ରୀୟ ଭାବନା ସୃଷ୍ଟି କରିବା କଂଗ୍ରେସ ସେବାଦଳର ମୁଖ୍ୟ କାର୍ଯ୍ୟ। ଏହି ସଂଗଠନକୁ ପ୍ରଶିକ୍ଷଣ ମାଧ୍ୟମରେ ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ସଦ୍ଭାବନା ସମାବେଶକୁ ସଫଳ କରିବା ପାଇଁ ଉପସ୍ଥିତ ଜିଲା କର୍ମକର୍ତ୍ତାଙ୍କୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ବୈଠକରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ, ମିଡିଆ ଅଧକ୍ଷ ଗଣେଶ୍ୱର ବେହେରା ଓ ପଛୁଆବର୍ଗ ବିଭାଗର ଅଧକ୍ଷ ଜ୍ଞାନଦେବ ବେଉରା ପ୍ରମୁଖ ଯୋଗଦେଇଥିଲେ।

### ପିସିସି ପକ୍ଷରୁ ଇନ୍ଦିରା ଗାନ୍ଧୀ ଜୟନ୍ତୀ ପାଳିତ



**ଭୁବନେଶ୍ୱର,୧୯।୧୧(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି କମିଟି ସାଧାରଣ ସମ୍ପାଦକ ତଥା ପିସିସି କୃଷକ ସେଲ୍ର ଅଧକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଏହି ଜୟନ୍ତୀ ଉତ୍ସବ ଭୁବନେଶ୍ୱରସ୍ଥିତ ଇନ୍ଦିରା ଗାନ୍ଧୀ ପାର୍କ ଓ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଧର୍ମଗୁରୁଙ୍କ ଦ୍ୱାରା ଗୀତା, ବାଇବେଲ ପ୍ରଭୃତି ପାଠ କରାଯିବା ସହ ଓଡ଼ିଶା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଇନ୍ଦିରାଙ୍କ ଜୀବନୀ ଓ ସ୍ମୃତି ଉଚ୍ଚାରଣ ସଂକୀର୍ତ୍ତନ ମାଧ୍ୟମରେ କରାଯାଇଥିଲା। ଏହି ଜୟନ୍ତୀ ଉତ୍ସବରେ ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲା କୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ୨୨ରେ ମିନିଟ୍ରକ ମାଲିକ ସଂଘର ସତ୍ୟାଗ୍ରହ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ):** କଟକ, ଭୁବନେଶ୍ୱର ଟ୍ରକ ମାଲିକ ମହାସଂଘ ପକ୍ଷରୁ ୭ଟି ଦାବି ସମ୍ପର୍କରେ ଏକ ସ୍ମାରକପତ୍ର ରାଜ୍ୟ ସରକାରଙ୍କୁ ଦିଆଯାଇଥିଲା। କିନ୍ତୁ ଏଯାଏ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ଏ ନେଇ ମିନିଟ୍ରକ ମାଲିକ ମହାସଂଘ ପକ୍ଷରୁ ନଭେମ୍ବର ୨୨ରେ ସତ୍ୟାଗ୍ରହ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ସକାଳ ୧୦ଘଣ୍ଟିକାରୁ ଏହା ଆରମ୍ଭ ହେବା ନେଇ ସଂଘ ସୂଚନା ଦେଇଛି। ଅଟୋମେଟିକ ଫିଟନେସ୍ ଉଚ୍ଛେଦ କରାଯାଇ ମାନୁଆଲ ଫିଟନେସ୍ କରିବା, ଗାଡ଼ି ମାଲିକଙ୍କଠାରୁ ଆଦାୟ କରାଯାଉଥିବା ବର୍ଦ୍ଧିତ ୧୦ଗୁଣା ଜରିମାନା ବନ୍ଦ କରାଯାଉ, ସରକାରଙ୍କ କାମରେ ଲାଗୁଥିବା ଗାଡ଼ିଗୁଡ଼ିକର ଉଚିତ ମୂଲ୍ୟ ଦିଆଯାଉ, ସରକାର ଗାଡ଼ି ଯାଞ୍ଚ ପ୍ରକ୍ରିୟାକୁ କୋହଳ କରାଯାଉ ଆଦି ଦାବି ରହିଛି।

# ଭିତର ରତ୍ନଭଣ୍ଡାର ଚାବିକୁ ନେଇ ହଟୁନି ଦ୍ୱନ୍ଦ୍ୱ

**ପୁରୀ ଅଫିସ,୧୯।୧୧**



- ଆରଟିଆଇରେ ମିଳିଲା ଭିନ୍ନ ଭିନ୍ନ ତଥ୍ୟ
- ଚାବି ବିନା ରତ୍ନଭଣ୍ଡାର ଯାଞ୍ଚ ନେଇ ଉଠିଲା ପ୍ରଶ୍ନ

ରତ୍ନଭଣ୍ଡାର ଚାବିକୁ ନେଇ ନୂଆ ବିବାଦ ଦେଖାଦେଇଛି। ପୂର୍ବରୁ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ପ୍ରଶାସନର କାର୍ଯ୍ୟକଳାପ ଉପରେ ଅନେକ ପ୍ରଶ୍ନ ଉଠିସାରିଥିବା ବେଳେ ଶୁକ୍ରବାର ଏକ ସୂଚନା ଅଧିକାର ରିପୋର୍ଟ ଏହି ଚର୍ଚ୍ଚାକୁ ପୁଣି ଖୋରାକ୍ ଯୋଗାଇଛି। ଏହି ଘଟଣାରେ ପୁରୀ ଜିଲା ଟ୍ରେଜେରିରୁ ୨ଟି ଭିନ୍ନ ଭିନ୍ନ ତଥ୍ୟ ନେଇ ପ୍ରଶାସନର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ସେପ୍ଟେମ୍ବର ୨୪ରେ ଜିଲା ଟ୍ରେଜେରି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୧୯୬୦ ମସିହାରୁ ରତ୍ନଭଣ୍ଡାର ଭିତର ଘର ଚାବି ମିଳୁନାହିଁ। ମାତ୍ର ସୂଚନା ଅଧିକାର ଆଇନ ବଳରେ ପୁରୀର ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳଙ୍କୁ ଗତ ୧୮ ତାରିଖରେ ପ୍ରାପ୍ତ ହୋଇଥିବା ତଥ୍ୟରେ ୧୯୬୦ ମସିହା ପରଠାରୁ ଚାବି ହଜିବା ସମ୍ପର୍କରେ ଉଲ୍ଲେଖ ନାହିଁ, ବରଂ ୧୯୭୦ ମସିହା ପରଠାରୁ ଚାବି ହଜିଥିବା ଟ୍ରେଜେରି କର୍ତ୍ତୃପକ୍ଷ ଜିଲାପାଳଙ୍କୁ ସୂଚନା ଦେଇଛନ୍ତି। ତେବେ ବାସ୍ତବରେ ଚାବି ୧୯୬୦ରୁ ନା ୧୯୭୦ରୁ ମିଳୁନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି।

ତଥ୍ୟ ଅନୁଯାୟୀ, ୨୦୧୮ ଏପ୍ରିଲ ୪ରେ ଚାବି ନ ଥିବା କଥା ଟ୍ରେଜେରି କାର୍ଯ୍ୟାଳୟ ପକ୍ଷରୁ ତତ୍କାଳୀନ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ୧୯୭୦ ପରଠାରୁ ଚାବି ହଜିଥିବା କଥା ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନାଙ୍କୁ ଅବଗତ କରାଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି, ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ସମୀକ୍ଷା ପାଇଁ ଯାଇଥିବା ୧୭ଜଣ ପ୍ରାଧିକୃତ ସଦସ୍ୟ ଭିତରଭଣ୍ଡାର ଚାବି ନ ଥିବା କଥା ଜାଣିଥିଲେ। ୧୯୭୦ ମସିହା ପରଠାରୁ ବାସ୍ତବରେ ଯଦି ଚାବି ହଜିସାରିଛି ତେବେ ସଦସ୍ୟମାନେ ରତ୍ନଭଣ୍ଡାର ଖୋଲିବାକୁ ଗଲେ କାହିଁକି। ଅନ୍ୟପକ୍ଷରେ ଗତ ସେପ୍ଟେମ୍ବର ୨୪ରେ ଟ୍ରେଜେରି କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ୧୯୬୦ ପରଠାରୁ ଚାବି ନାହିଁ। ଏକଥା ଯଦି ସତ ତେବେ ୧୯୭୦ ମସିହା ଉଲ୍ଲେଖ କରାଗଲା କାହିଁକି। ଏହି ପ୍ରସଙ୍ଗରେ କିଏ କାହାକୁ ମିଛ କହୁଛି ତାହାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେହିପରି ୧୯୬୦ ମସିହା ପରଠାରୁ ଚାବି ହଜିଯାଇଥିବା ତଥ୍ୟ ଯଦି ସତ୍ୟ ତେବେ ୧୯୭୩, ୧୯୭୮ ଓ ୧୯୮୫ ମସିହାରେ ଚାବି କେଉଁଠାରୁ ଆସିଥିଲା ଓ କେଉଁ ଅଧିକାରୀ ଚାବି ଆଣି ରତ୍ନଭଣ୍ଡାର ଭିତରଘର ଖୋଲିଥିଲେ ସେ ସମ୍ପର୍କରେ ମଧ୍ୟ ସ୍ପଷ୍ଟ ଚିତ୍ର ମିଳୁନାହିଁ। ସୂଚନା ଅଧିକାର କର୍ମୀ ବରାଳ କହିଛନ୍ତି, ଚାବି ନ ଥିବା ସ୍ଥଳେ ରତ୍ନଭଣ୍ଡାର ରେଜିଷ୍ଟରରେ ଏକଥା ଉଲ୍ଲେଖ କରାଗଲା ନାହିଁ କାହିଁକି। ସମ୍ପୃକ୍ତ ଅଧିକାରୀମାନେ ମନଗଢ଼ା କାହାଣୀ କହି ଲୋକଙ୍କୁ ଭୁଲେଇବାରେ ଲାଗିଥିଲେ। ଜଗନ୍ନାଥପ୍ରେମୀଙ୍କ ଭାବନା ପ୍ରତି ଏହା କୁଠାରାଘାତ। ଅନ୍ୟପକ୍ଷରେ ଭିତରଭଣ୍ଡାର ଚାବି ପରବର୍ତ୍ତୀ ସମୟରେ ରେକର୍ଡ ରୁମ୍‌ରୁ ମିଳିଥିବା ନେଇ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସୂଚନା ଦେଇଥିଲେ। ସେ ୨୦୧୮ ଅଗଷ୍ଟ ୬ରେ ଟ୍ରେଜେରିରେ ଚାବି ଦାଖଲ କରିଥିଲେ। ଅର୍ଥାତ୍ ଏବେ ଚାବି ମହଜୁଦ ରହିଛି। ଏକଥା ଯଦି ସତ୍ୟ ତେବେ ଏବେ ଥିବା ଚାବିରେ ରତ୍ନଭଣ୍ଡାର ଖୋଲାଯାଇ ସ୍ଥିତି ଯାଞ୍ଚ କରାଯିବା ଦରକାର। ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି, ଆଇନ ବିଭାଗ ତୁରନ୍ତ ଏନେଇ ପଦକ୍ଷେପ ନେବା ଆବଶ୍ୟକ। ଅନ୍ୟପକ୍ଷରେ ଏହି ଘଟଣାରେ ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ରେଞ୍ଜରଙ୍କ ନାଁରେ ମହିଳା ବନପାଳଙ୍କ ଅଭିଯୋଗ

**ବାରଙ୍ଗ,୧୯।୧୧(ଡି.ଏନ୍.ଏ.)**

ନନ୍ଦନକାନନରେ ଜଣେ ମହିଳା ରେଞ୍ଜର ଅନ୍ୟ ଜଣେ ମହିଳା ବନପାଳଙ୍କୁ ମାନସିକ ଯନ୍ତ୍ରଣା ଦେଇ ଜାତିଆଣି ଆକ୍ଷେପ କରି ଅସମ୍ମାନିତ କରିଥିବାର ଶୁକ୍ରବାର ରାତିରେ ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନନ୍ଦନକାନନ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି ଏକ ମାମଲା(ନଂ.୧୨୮/୨୧) ରୁଜୁ କରି ତଦନ୍ତ ଚଳାଇଛନ୍ତି। ବନପାଳ ରଶ୍ମିତା ସେଠୀଙ୍କ ଅଭିଯୋଗ ମୁତାବକ, ଅଗଷ୍ଟରେ ନନ୍ଦନକାନନ ମୁଖ୍ୟ ପ୍ରବେଶ ପଥରେ କାର୍ଯ୍ୟ କରୁଥିବା ବନପାଳଙ୍କୁ ବଟାନିକାଲ ଗାର୍ଡେନକୁ ବଦଳି କରାଯାଇଥିଲା। ବଟାନିକାଲ ଗାର୍ଡେନରେ ୨ଟି ବିଭାଗର ଦାୟିତ୍ୱରେ ରହିଥିବା ମହିଳା ରେଞ୍ଜରଙ୍କ ଅଧୀନରେ କାମ କରିବାକୁ କୁହାଯାଇଥିଲା। କାର୍ଯ୍ୟ କରିବାର ୨ଦିନ ପରେ ବଟାନିକାଲ ଗାର୍ଡେନର ଗେଟ ନଂ.୨ରେ ଟିକେଟ ବିକିବା ସହ ଫିଲ୍ଡରେ ବୁଲିବାକୁ ରେଞ୍ଜର ବନପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏକମାସ କାମ କରିସାରିବା ପରେ ରେଞ୍ଜରଙ୍କୁ ଭେଟି ସିକ୍ୟୁରିଟି ଗାର୍ଡଙ୍କ ପାଖରେ ଡ୍ୟୁଟି ଦେବା ବଦଳରେ ଅଫିସରେ କୌଣସି କାର୍ଯ୍ୟ ଦେବାକୁ ବନପାଳ ଅନୁରୋଧ କରିଥିଲେ। କିନ୍ତୁ ରେଞ୍ଜର କୌଣସି କଥାକୁ ନ ଶୁଣି ତାଙ୍କୁ ମାନସିକ ନିର୍ଯାତନା ଦେବା ଭଳି ମନ୍ତବ୍ୟ ଦେଇଥିଲେ। ଏପରିକି ଏକ ଭୋଜିରେ ରେଞ୍ଜର ଜାତିଆଣ ଆକ୍ଷେପ କରି ନାନା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ତାଙ୍କୁ ନ୍ୟାୟ ଦିଆଯାଉ ବୋଲି ଅନୁରୋଧ କରିଛନ୍ତି।

## ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ

**ବାରଙ୍ଗ/ବାଲକାଟୀ/ ବାଲିଅନ୍ତା,୧୯।୧୧(ଡି.ଏନ୍.ଏ.)**

ରଘୁନାଥପୁର ଶିରିଡି ସାଇସନ୍ଥ ଆଶ୍ରମ ଓ ଜରାନିବାସରେ କୋଭିଡ୍ ବୋଇତ ବନ୍ଦାଣ ଉତ୍ସବ ହୋଇଯାଇଛି। ସଂସ୍କୃତି ଓ ପରମ୍ପରାକୁ ମନେପକାଇ ଓଡ଼ିଆ ଲୋକମାନଙ୍କର ଗର୍ବ ଓ ଗୌରବ ଗାଥାର ଜ୍ୱଳନ୍ତ ଉଦାହରଣ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥିଲା। ଦେବେନ୍ଦ୍ର ନାଥ ଜେନା, ମିହିର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଆଶ୍ରମର ମ୍ୟାନେଜିଂ ଟ୍ରଷ୍ଟି ବିଜୟ ପାତ୍ରଙ୍କ ତତ୍ତ୍ୱାବଧାନରେ ରଘୁନାଥପୁର ସମିତିସଭ୍ୟା ଝୁନାରାଣୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ବାରଙ୍ଗ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଚତୁର୍ଥ ବାର୍ଷିକ ଚୂଡାଙ୍ଗଗଡ ବାରଙ୍ଗ ମହୋତ୍ସବ ହୋଇଯାଇଛି। ପୂର୍ବରୁ ପ୍ରାଚୀ ନଦୀରେ ବୋଇତ ବନ୍ଦାଣ କରାଯାଇଥିଲା। ୨ଜଣ ସାମାଜିକ କର୍ମୀ ଓ ଜଣେ ଜୀବନ ବଞ୍ଚାଇଥିବା ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବାଲିଅନ୍ତା, ବାଲକାଟୀ ଅଞ୍ଚଳର ବିଭିନ୍ନ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି।



## ସ୍ୱସ୍ତି ପ୍ରିମିୟମ୍‌ରେ ୨ କୁଇଣ୍ଟାଲର ପ୍ଲମ୍ବ କେକ୍

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଆଗାମୀ କ୍ରିସ୍‌ମାସ ବା ବଡଦିନ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ ପକ୍ଷରୁ ପ୍ରାୟ ୨ କୁଇଣ୍ଟାଲର କେକ୍ ପ୍ରସ୍ତୁତ କରାଯାଇଛି। ଏହାର ନାଁ 'ପ୍ଲମ୍ବ କେକ୍' ରହିଥିବାବେଳେ ଏଥିରେ ବିଭିନ୍ନ ପ୍ରକାର ଶୁଖିଲା ଫଳମୂଳ (ଡ୍ରାଏ ଫୁଡ୍) ଓ କିଛି ପରିମାଣର ମାଦକ ଦ୍ରବ୍ୟ (ୱାଇନ) ସହିତ ରାସାୟନିକ ସାମଗ୍ରୀ ମିଶ୍ରଣ କରାଯାଇଛି। ଏହା ଡିସେମ୍ବର ପହିଲାରୁ ଗ୍ରାହକଙ୍କ ପାଇଁ ହୋଟେଲ ପରିସରରେ ଏକ ସ୍ୱତନ୍ତ୍ର କାଉଣ୍ଟର ଜରିଆରେ ବିକ୍ରି ପାଇଁ ଉପଲବ୍ଧ ହେବ ବୋଲି ହୋଟେଲ ପକ୍ଷରୁ ସୂଚନା ଦିଆଯାଇଛି।

## ୨୧ରେ କୃଷି ଓ କୃଷକର ବିକାଶ ସମ୍ପର୍କିତ ଜାତୀୟ କର୍ମଶାଳା

**ଭୁବନେଶ୍ୱର,୧୯।୧୧**

'ସମନ୍ୱିତ କୃଷି ପଦ୍ଧତି ଓ ନିରନ୍ତର ଜୀବିକା ବିକାଶ ମାଧ୍ୟମରେ ଚାଷୀଙ୍କ ଦ୍ୱିଗୁଣିତ ଆୟ' ଶୀର୍ଷକ ଏକ ଜାତୀୟ କର୍ମଶାଳା ଆସନ୍ତା ୨୧ ତାରିଖରେ ସ୍ଥାନୀୟ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଅନୁଷ୍ଠିତ ହେବ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନନ୍ୟା ଏବଂ ଓୟୁଏଟିର ପୁରାତନ ଛାତ୍ର ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କର୍ମଶାଳାରେ କେନ୍ଦ୍ର କୃଷି ମନ୍ତ୍ରୀ ପୁରୁଷୋତ୍ତମ ରୂପାଲା, ରାଜ୍ୟ କୃଷି ମନ୍ତ୍ରୀ ଅରୁଣ ସାହୁଙ୍କ ସମେତ କୃଷି ବୈଜ୍ଞାନିକ, ଅଧିକାରୀ ଓ କୃଷକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କୃଷି ବିଜ୍ଞାନ କେନ୍ଦ୍ର ଜରିଆରେ ମଧ୍ୟ ଚାଷୀମାନେ ଯୋଡିହେବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷିଭିତ୍ତିକ ଯୋଜନା ତଥା କାର୍ଯ୍ୟକ୍ରମର ସୁଫଳ ବିଷୟରେ ଆଲୋଚନା କରାଯିବ। ଏହି ଖବରଦାତା ସମ୍ମିଳନୀରେ ଅନନ୍ୟାର ସମ୍ପାଦକ ସୁକାନ୍ତ ପାଣିଗ୍ରାହୀ, ଓୟୁଏଟି ପୁରାତନ ଛାତ୍ର ସଂସଦ ସମ୍ପାଦକ ପ୍ରଫେସର ସୁସେନ କୁମାର ପଣ୍ଡା, ପ୍ରଶାନ୍ତ କୁମାର ଶତପଥୀ, ବସନ୍ତ କୁମାର ଗଡୁ ଓ ସୁରେଶ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।

## ନନ୍ଦନକାନନରେ ପୁଣି ଗଡ଼ିଲା ଶିଶୁ ରେଳଗାଡ଼ି

**ବାରଙ୍ଗ,୧୯।୧୧(ଡି.ଏନ୍.ଏ.)**

### ପର୍ଯ୍ୟଟକଙ୍କ ସଂଖ୍ୟା ୫ ଲକ୍ଷ ଛୁଇଁଲା

ବହୁ ବିଭ୍ରାଟ ପରେ ଶୁକ୍ରବାର ନନ୍ଦନକାନନରେ ଶିଶୁ ରେଳଗାଡି ପୁଣି ଚାଲିଛି। ଶେଷ ଟ୍ରିପ୍ ପର୍ଯ୍ୟନ୍ତ ଠିକ୍ ଭାବେ ଚାଲିଥିବା ବେଳେ କୌଣସି ତ୍ରୁଟି ଦେଖାଦେଇ ନ ଥିଲା। ତେବେ ଶିଶୁ ରେଳଗାଡ଼ି ୬ଟି ଟ୍ରିପ୍ କରିଥିବାବେଳେ ମୋଟ ୩୧୯ଜଣ ପର୍ଯ୍ୟଟକଙ୍କୁ ବୁଲାଇଛି। ଶିଶୁ ରେଳଗାଡି ଆରମ୍ଭ ହୋଇ ଚାଲିବା ମଧ୍ୟରେ ୨ଥର ଯାନ୍ତ୍ରିକ ତ୍ରୁଟି ଯୋଗୁ ବନ୍ଦ ହୋଇଥିଲା। ଏବେ ମରାମତି କରାଯାଇ ମରାମତି କରାଯାଇ ଶୁକ୍ରବାର ପୁନଃ ପ୍ରଚଳନ କରାଯାଇଛି। ଏ ସମ୍ପର୍କରେ ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି, ଭୁବନେଶ୍ୱର ଆଇଆଇଟିରେ ୬ଜଣ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଆସି ଟ୍ରେନଟିକୁ ଅନୁଧ୍ୟାନ କରିବା ପରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଟ୍ରେନରେ କୌଣସି ପ୍ରକାର ସମସ୍ୟା ଦେଖା ନ ଦେବା ପାଇଁ ଛୋଟ ସଂଶୋଧନ କରିବାକୁ ଏହି ଦଳ ପରାମର୍ଶ ଦେଇଛନ୍ତି। ଏଥିସହ ଶିଶୁ ରେଳଗାଡି ଯୋଗାଣକାରୀ ସଂସ୍ଥାକୁ ଯାନ୍ତ୍ରିକ ଓ ବୈଦ୍ୟୁତିକ ବିଶେଷଜ୍ଞ ଦଳ ଆସି ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବେ। ଏହାପରେ ପ୍ରତିଦିନ ୬ ଟ୍ରିପ୍ ପ୍ରଚଳନକୁ ବୃଦ୍ଧି କରାଯିବ ବୋଲି ଉପନିର୍ଦ୍ଦେଶକ କହିଛନ୍ତି। ସେହିଭଳି କୋଭିଡ୍ କଟକଣା ଭିତରେ ନନ୍ଦନକାନନ ଅଗଷ୍ଟ ୩ରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଥିଲା। ତେବେ ଖୋଲିବା ପରଠାରୁ ଏପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ବୃଦ୍ଧି ପାଇ ସମୁଦାୟ ପର୍ଯ୍ୟଟକଙ୍କ ସଂଖ୍ୟା ୫ଲକ୍ଷ ଅତିକ୍ରମ କରିଛି। ଶୁକ୍ରବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନ ୧୨,୫୬୪ ଜଣ ପର୍ଯ୍ୟଟକ ବୁଲି ଆସିଥିଲେ। ଅଫ୍‌ଲାଇନରେ ୧୧,୯୯୮ଜଣ ଓ ଅନ୍‌ଲାଇନରେ ୧୯୧ଜଣ ପର୍ଯ୍ୟଟକ ଆସିଥିଲେ ବୋଲି ଟିକେଟ ବିକ୍ରିରୁ ଜଣାପଡିଛି। ସେହିପରି ବଟାନିକାଲ ଗାର୍ଡେନକୁ ୩୭୫ ପର୍ଯ୍ୟଟକ ଆସିଥିଲେ ବୋଲି ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ସେଣ୍ଟଜନ ଆମ୍ବୁଲାନ୍ସ ପକ୍ଷରୁ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ସେଣ୍ଟଜନ ଆମ୍ବୁଲାନ୍ସ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ବାଣୀବିହାରସ୍ଥିତ ଡିଡିସିଇ ପରିସର ମଧ୍ୟରେ ପ୍ରାଥମିକ ତାଲିମଦାତାଙ୍କର ଏକ ତିନିଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବି ମେଡିକାଲର ସର୍ଜରୀ ବିଭାଗ ଡା. ଜ୍ୟୋତିର୍ମୟୀ ନାୟକ, ପ୍ରଫେସର ଦୀପକ ଦାସ, ଅତିରିକ୍ତ କମିଶନର ଧୀରେନ୍ଦ୍ର କୁମାର ମିଶ୍ର ଓ ଟ୍ରାନ୍ସପୋର୍ଟ କମିଶନର ଅରୁଣ ବୋଥ୍ରା ପ୍ରମୁଖ ଯୋଗଦେଇଥିଲେ।

# ଜଳାଶୟ ଜମି ଜବରଦଖଲ

**ଭୁବନେଶ୍ୱର,୧୯।୧୧**

### ନିର୍ଦ୍ଦେଶ ପରେ ବି ଉଚ୍ଛେଦ ହେଉନି ବେଆଇନ ନିର୍ମାଣ

ସ୍ମାର୍ଟସିଟି ଭୁବନେଶ୍ୱରରେ ପ୍ରତିଦିନ ସ୍ମାର୍ଟ ଜବରଦଖଲ ଉଭୟ ସହରବାସୀ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପାଇଁ ଚିନ୍ତାର ବିଷୟ ପାଲଟିଛି। ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରୋଡ କୁହାଯାଇଥିବା ରାଜଭବନରୁ କଳିଙ୍ଗ ଷ୍ଟାଡିୟମ ମଧ୍ୟଭାଗ ନିକୋପାର୍କ ଜଳାଶୟ ଜମିରେ ଏକ ଓପୋଲଫେଡ ବୁଥ ବେଆଇନ ଭାବେ ନିର୍ମାଣ କରାଯାଉଛି। ଏହି ବୁଥ ନିର୍ମାଣ ପାଇଁ ବିଏମସିର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅଗୋଚରରେ ପୂର୍ବତନ ଜୋନ କମିଶନର ବେଆଇନ ଭାବେ ଅର୍ଡର କରିଥିବା ବେଳେ ଅନ୍ୟ କିଛି ବିଭାଗୀୟ କର୍ମଚାରୀ ଆବଶ୍ୟକ ସହଯୋଗ କରିଥିବା ସୂଚନା ମିଳିଛି ବୋଲି ବିଏମସିର ଅତିରିକ୍ତ କମିଶନର (ଜମି/ଭୂମି) କମଳଜିତ ଦାସ କହିଛନ୍ତି।

ଆଉ କିଛି ଦିନ ପରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର କ୍ରୀଡା 'ହକି ମହାକୁମ୍ଭ' ୨୪ ନଭେମ୍ବରରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଭଳି ସମୟରେ କିଭଳି ବିଏମସି ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ବେଆଇନ ଭାବେ ଓପେଲଫେଡ ନିର୍ମାଣ ପାଇଁ ଆଦେଶ ଦିଆଯାଇଛି ତାକୁ ନେଇ ପ୍ରଶ୍ନ ଉଠିଛି। ଏପରି କି ହକି ପାଇଁ ଉକ୍ତ ରାସ୍ତାର ସୌନ୍ଦର୍ଯ୍ୟକରଣ କରାଯାଉଥିବା ବେଳେ ଉକ୍ତ ଘରୋଇ ସଂସ୍ଥା କାହା ବଳରେ ବେଆଇନ ଭାବେ ଓପେଲଫେଡ ନିର୍ମାଣ ସାଙ୍ଗକୁ ପ୍ରାୟ ଦୁଇ ଶହ ଫୁଟ ଜଳାଶୟ ଜମି ଜବରଦଖଲ କରି ରଖିଛି। ନିକୋପାର୍କର ଉକ୍ତ ଜମି ବନୀକରଣ ପାଇଁ ସଂରକ୍ଷିତ ଥିବାବେଳେ ବିଏମସି କିଭଳି ଏକ ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥାକୁ ବେଆଇନ ନିର୍ମାଣ କରିବାକୁ ଅନୁମତି ଦେଲା ତାକୁ ନେଇ ଉଭୟ ସହରର ବୁଦ୍ଧିଜୀବୀ ଓ ବିଏମସି କର୍ତ୍ତୃପକ୍ଷ ମଧ୍ୟ ଚକିତ ଅଛନ୍ତି। ସ୍ଥାନୀୟ ଅଞ୍ଚଳରୁ କିଛି ସାମାଜିକ କର୍ମୀ ଏଭଳି ବେଆଇନ କାର୍ଯ୍ୟକୁ ବିରୋଧ କରିବା ସହ ୟୁନିଟ-୪ ସରକାରୀ ବାଳିକା ବିଦ୍ୟାଳୟର ପିଲାମାନଙ୍କ ଚଲା ବାଟରେ ଓପେଲଫେଡ ନିର୍ମାଣ କରାଯାଉଛି ସେ ନେଇ ବିଏମସି କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିଲା ପରେ ବିଏମସି କର୍ତ୍ତୃପକ୍ଷ ଉକ୍ତ ବେଆଇନ ନିର୍ମାଣ ସାଙ୍ଗକୁ ନିକଟସ୍ଥ ସରକାରୀ କୋଷାଗାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଖ୍ୟ ଲିଙ୍କରୋଡରେ ଗଢି ଛଠିଥିବା ୩ଟି ବେଆଇନ ଓମଫେଡ, ଓପେଲଫେଡ ଓ ପିସିଓ ବୁଥକୁ ମଧ୍ୟ ଭାଙ୍ଗି ଉକ୍ତ ରାସ୍ତାର ଜବରଦଖଲ ସମସ୍ୟାର ସମାଧାନ ପାଇଁ ବିଏମସିର ଏନଫୋର୍ସମେଣ୍ଟକୁ ଆଦେଶ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଏବଂ ବେଆଇନ ଜବରଦଖଲକାରୀଙ୍କୁ ପରୋକ୍ଷରେ କୋର୍ଟ ଯାଇ ସ୍ଥଗିତାଦେଶ ଆଣିବା ପାଇଁ ସୁଯୋଗ ଦିଆଯାଉଛି ବୋଲି ବିଏମସିର କିଛି ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି ଏହା କହିଛନ୍ତି।



ଫୁଟ୍‌ପାଥ୍‌କୁ ଲାଗି ଜଳାଶୟ ଜମିରେ ତିଆରି ହୋଇଥିବା ଓପୋଲଫେଡ୍ ବୁଥ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required Teachers (MATH., SCL, ENG., HINDI, SST).
RDM Public School, Patia, Bhubaneswar.
Contact: 9337325035 9668484511

REQUIREMENT
Direct Joining
1. Security Guard
2. Customer Care
3. Front Office Exe.
CONTACT
7008100677, 9692911851

WANTED
We urgently required Telecaller & Marketing Executive for our office with Salary- 5000/- + Incentive 5%. SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.
9937605788 (M)

APPOINTMENT
URGENTLY REQUIRED 1. TECHNICIAN (R.O / CHIMINEY), 2. SALES MANAGER, 3. FRONT OFFICE EXECUTIVE, 4. OFFICE ASSISTANT, 5. COOK.
Contact: 9040043929

APPOINTMENT
A Logistics firm at BBSR requires graduate/ undergraduate with computer/ Tally working knowledge. Send CV to
E Mail:-nimai.das91@gmail.com
9337789007 / 9437570000

Urgently Required
(Direct joining, permanent job)
Groundstaff, supervisor, checker, loader, helper, Driver
Salary: 25,500/- ରୁ 55,500/-
ଯୋଗ୍ୟତା- ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
Contact - 8448123162






CHENNAI FINANCIER WANTED
☞ Finance Consultant
☞ Mediator
☞ DSA
with knowledge of English
salary upto 1lakh & Commission
CHENNAI 9092 692 403

ସାବଧାନ! ସାବଧାନ!! ସାବଧାନ!!!
ରେଳପଥ ନିଯୁକ୍ତି
ଦଲାଲ / ଠକମାନଙ୍କ ପ୍ରତି
ସତର୍କ ରୁହନ୍ତୁ
ସତର୍କ ରୁହନ୍ତୁ! ସାର୍ବଜନିକ ବିଜ୍ଞପ୍ତି ମନେରଖନ୍ତୁ!
ରେଳପଥରେ ନିଯୁକ୍ତି ପାଇଁ କୌଣସି ବେଆଇନ୍ ମାର୍ଗ ଆପଣାନ୍ତୁ ନାହିଁ
କେବଳ ଯୋଗ୍ୟତା (Merit) ହିଁ ଆପଣଙ୍କୁ ରେଳପଥରେ ଚାକିରି ଦେଇପାରିବ ।
ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶୃତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ ।
ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି ।
ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ ।
ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ ।
ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ :
www.rrbbs.gov.in | www.rrcbbs.org.in
ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶୃତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ ।
ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : sdgm@ecor.railnet.gov.in
ମୁଖ୍ୟ ଜନ ସମ୍ପର୍କ ଅଧିକାରୀ
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : cpro@ecor.railnet.gov.in
ହେଲ୍ପଲାଇନ୍ ନଂ. 8455885031
ଟେଲିଫୋନ ନଂ. 0674-2300230
0674-2301475
ଫାକ୍ସ ନଂ. 0674-2301328
ପୂର୍ବ ତଟ ରେଳପଥ
ଆପଣଙ୍କ ପାଇଁ ଆମେ ଯତ୍ନବାନ
PR-556/M/21-22
ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ : www.twitter/@EastCoastRail www.facebook/@EASTCOASTRailway1

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୦/୨୦୨୧ Bhubaneswar, Saturday, November 20/2021



DSPL-264

ଓଡ଼ିଶା ସରକାର

ମୋ ସ୍କୁଲ

## 5T ୫ଟି ଜିଲ୍ଲାର ୧୪୮ ହାଇସ୍କୁଲ ରୂପାନ୍ତରଣ

୧ମ ପର୍ଯ୍ୟାୟ ଲୋକାର୍ପଣ

ଜଗତସିଂହପୁର ଜିଲ୍ଲା ୧୪ ହାଇସ୍କୁଲ

ଦେବଗଡ଼ ଜିଲ୍ଲା ୩୨ ହାଇସ୍କୁଲ

ପୁରୀ ଜିଲ୍ଲା ୪୮ ହାଇସ୍କୁଲ

ବଲାଙ୍ଗିର ଜିଲ୍ଲା ୨୪ ହାଇସ୍କୁଲ

କେନ୍ଦ୍ରାପଡ଼ା ଜିଲ୍ଲା ୩୦ ହାଇସ୍କୁଲ



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

ଦ୍ୱାରା ଶୁଭାରମ୍ଭ

୨୦ ନଭେମ୍ବର ୨୦୨୧



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

OIPR-27045/13/0016/2122



HONDA

## RED. SET. GO!

Rush to your nearest dealership and test-drive your favourite Honda car.

ATTRACTIVE FINANCE OPTIONS AVAILABLE

EMI STARTING FROM ₹ 1111° PER LAKH

LOW INTEREST RATE OF 7%°

BUY NOW PAY LATER. FIRST 3 EMIs @ ₹ 899° PER LAKH



ALL NEW CITY BENEFITS UP TO ₹ 39 000*

NEW JAZZ BENEFITS UP TO ₹ 36 000*

BOOK NOW FOR EARLY HOME DELIVERY | Call for Test Drive at Doorstep | Honda City available in BS-6 Diesel also

Exclusive benefits for Teachers, Farmers, Doctors, Lawyers, Architects, Finance Professionals, Pensioners, Government Employees and Select Corporates. Select models available through GeM & CSD. T&C apply.

OUR DEALERSHIPS AND SERVICE CENTRES ARE FOLLOWING PRECAUTIONS AGAINST COVID19

Honda Auto Terrace | Honda ProCARE | 3 Year Warranty Unlimited Kilometres | Scan to Book or Buy Honda From Home

**Highway Honda**
Showroom: Cantonment Road Cuttack, PH: 7873999881

**Highway Honda**
Showroom: NH-5, Plot No. 209, Mirzapur Pani Koili, Distt., Jajpur, PH: 7873999614



କୋଷ୍ଠକାଠିନ୍ୟରେ ପୀଡ଼ିତ କି ?

SHETH BROTHERS BHAVNAGAR



AYURVEDIC KAYAM TABLET



Smooth Stool

Healthy Stomach

Natural Laxative

କୋଷ୍ଠକାଠିନ୍ୟ ସହିତ ଲଢ଼ି ପେଟକୁ ହାଲୁକା ରଖନ୍ତୁ..

Toll Free No.: 1800 419 0807 (Mon - Sat 11.00 am to 6.00 pm)

Available in Medical and Ayurvedic Shops | Buy online amazon | 1mg

## ଲୋଭୀ ଠାକୁରାଣୀ, ବୃଦ୍ଧେଶ୍ୱରଙ୍କ ଯାତ୍ରା ପାଳିତ

ଟିଗିରିଆ,(ଡି.ଏନ୍.ଏ.) : ଟିଗିରିଆ ବ୍ଲକ ବିଦ୍ଧାଣିମାସ୍ଥିତ ଲୋଭୀ ଠାକୁରାଣୀ ଏବଂ ହାଟମାଳସ୍ଥିତ ବୃଦ୍ଧେଶ୍ୱରଙ୍କ ଯାତ୍ରା କୋଭିଡ୍ କଟକଣାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଠାକୁରାଣୀଙ୍କ ପୀଠରେ ସୀମିତ ପୂଜକ, ସହଯୋଗୀ ଓ ଯାତ୍ରା ପରିଚାଳନା କରୁଥିବା କର୍ମକର୍ତ୍ତା ଏବଂ ପୋଲିସ କର୍ମଚାରୀଙ୍କୁ କେବଳ ଦେଖିବାକୁ ମିଳିଛି। ଟିଗିରିଆ ତହସିଲଦାର ପ୍ରମୋଦ ବାସ୍କେ, ଥାନା ଅଧିକାରୀ ବନବିହାରୀ ପ୍ରଧାନ, ସରପଞ୍ଚ ଅଜିତ ରାଉତ, ବିଭୂତି ଭୂଷଣ ବେହେରା ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପୀଠରେ ୧୪୪ ଧାରା ଜାରି କରାଯାଇଥିଲା। ସେହିପରି ହାଟମାଳସ୍ଥିତ ବୃଦ୍ଧେଶ୍ୱର ବାଲିଯାତ୍ରା ମଧ୍ୟ ନିରାଡ଼ମ୍ବରରେ ପାଳିତ ହୋଇଯାଇଛି।

## ଆଜି କ'ଣ କେଉଁଠି

କଟକ

- ନ୍ୟୁ ମିଡିଏଶନ ସେଣ୍ଟରର ଉଦ୍‌ଘାଟନ ଉତ୍ସବ, ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, ସକାଳ ୯ଟା ୪୫।
- ଓଡ଼ିଶା ଏନଭରମେଣ୍ଟାଲ ସୋସାଇଟି ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟନ, ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଏବଂ ଉତ୍କଳ ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ପୁସ୍ତକ ପ୍ରଦର୍ଶନୀର ଉଦ୍‌ଘାଟନ ସମାରୋହ, ଶ୍ରୀରାମଚାନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଅଷ୍ଟମ ବାର୍ଷିକ ଦୀକ୍ଷାନ୍ତ ସମାରୋହ, ଆମ୍ଫିଥିଏଟର, ବିଶ୍ୱବିଦ୍ୟାଳୟ ପରିସର, ଅପରାହ୍ନ ୩ଟା।
- ସାହାରା ଜମାକର୍ତ୍ତା ସୁରକ୍ଷା ମଞ୍ଚ ପକ୍ଷରୁ ଜମାକର୍ତ୍ତାଙ୍କ ସମାବେଶ, ଗାନ୍ଧୀ ଭବନ, ସନ୍‌ସାଇନ ଫିଲଡ, ଅପରାହ୍ନ ୫ଟା।
- ସାରସ୍ୱତ ସାଧକ ପ୍ରଫେସର ଗୋବିନ୍ଦଚନ୍ଦ୍ର ଉଦ୍‌ଗାତାଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।

# ହାଇୱା ଧକ୍କାରେ ଗ୍ୟାରେଜ ମେକାନିକ ମୃତ

ଫୁଲନଖରା, ୧୯।୧୧(ଡି.ଏନ୍.ଏ.)

- ଉତ୍ତ୍ୟକ୍ତ ଲୋକେ ୨ ହାଇୱା ଜାଳିଦେଲେ
- କ୍ଷତିପୂରଣ ଦାବିରେ ମୃତଦେହ ରଖି ୪ ଘଣ୍ଟା ରାସ୍ତାରୋକୋ



କଟକ ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାଶ ବଜାର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ହାଇୱା ଧକ୍କାରେ ଜଣେ ଗ୍ୟାରେଜ ମେକାନିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଧାନଘରପଡା ଗ୍ରାମର ସରୋଜ ସାହୁ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ଘଟଣାସ୍ଥଳରେ ମୃତଦେହ ରଖି ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ଉକ୍ତ ଅଞ୍ଚଳରେ ଥିବା ବାଲିଘାଟ ବନ୍ଦ କରିବା ସହ ଭାରିଯାନ ଚଳାଚଳ ରୋକାଯିବା ଲାଗି ପୋଲିସ ପଦକ୍ଷେପ ନେବା ଦାବିରେ ରାସ୍ତାରୋକୋ କରିଥିଲେ। ଏପରି କି ଦୁଇଟି ହାଇୱାରେ ନିଆଁ ଲଗାଇ ଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଶଙ୍ଖତ୍ରାସ ବଜାରରେ ସରୋଜଙ୍କର ବାଇକ୍ ଗ୍ୟାରେଜ ରହିଛି। ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ସେ ରାସ୍ତାର ଅପରପାର୍ଶ୍ୱକୁ ସ୍ପେୟାର ପାର୍ଟ୍ସ କିଣିବା ପାଇଁ ଯାଇଥିଲେ। ସେଠାରୁ ଫେରିବାବେଳେ ଏକ ହାଇୱା ପଛରୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଦୁର୍ଘଟଣା ଘଟାଇଥିବା ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକମାନେ ଉକ୍ତ ହାଇୱା ସହିତ ରାସ୍ତାରେ ଯାଉଥିବା ଅନ୍ୟ ଏକ ହାଇୱାରେ ମଧ୍ୟ ନିଆଁ ଲଗାଇ ଦେଇଥିଲେ। ଏହି ରାସ୍ତାରେ ବହୁସଂଖ୍ୟକ ବାଲି ବୋଝେଇ ହାଇୱା ଯାତାୟାତ କରୁଥିବାରୁ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ପୋଲିସକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଫଳରେ ଶୁକ୍ରବାର ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। କଟକ ସଦର ତହସିଲଦାର ସମ୍ପିତ ଗଡ଼ନାୟକ, ବିଡିଓ ରାଜୀବ ଲୋଚନ ପରିଡା, କଟକ ଜୋନ୍-୪ ଏସିପି ଚନ୍ଦନ ଘଡେଇ, ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା ପୋଲିସ ଫୋର୍ସ ସହ ପହଞ୍ଚି ରାସ୍ତାରୋକୋ କରିଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ତହସିଲଦାର ଗଡ଼ନାୟକ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୩୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି। ଶନିବାର ବାଲିଘାଟ ମାଲିକ, ଦୁର୍ଘଟଣା ଘଟାଇଥିବା ହାଇୱା ମାଲିକ ଓ ତହସିଲଦାରଙ୍କୁ ନେଇ ଏ ସମ୍ପର୍କରେ ଆଲୋଚନା କରାଯିବ। ଏହାପରେ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ରାତି ସାଢେ ୧୦ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇ ଏକ ମାମଲା ରୁଜୁ କରିଛି।





କେନ୍ଦ୍ର ସରକାର ୩ କୃଷି ଆଇନ ରଦ୍ଦ ପାଇଁ ଘୋଷଣା କରିବା ପରେ କୃଷକଙ୍କ ଆନ୍ଦୋଳନ ସଫଳ ନେଇ କଟକ କଲେଜ ଛକଠାରେ ଏସ୍‌ୟୁସିଆଇ(ସି) ପକ୍ଷରୁ ଶୁକ୍ରବାର ବିଜୟ ଦିବସ ପାଳନ କରାଯାଉଛି।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ସିଡିଏ ସେକ୍ଟର-୧୦ ଅଞ୍ଚଳର ଘର ସମ୍ମୁଖରେ ମୁରୁଜ ପକାଇଯାଇଛି।

## ‘ଡାକ୍ତରଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ’

### ୨୬ରେ ଆସିବେ ମୁଖ୍ୟମନ୍ତ୍ରୀ

କଟକ ଅଫିସ, ୧୯।୧୧

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ଲାଟିନମ୍ ଜୁବିଲି ତିନୋଟି ପର୍ଯ୍ୟାୟରେ ପାଳନ କରାଯାଉଛି। ଏହି ଅବସରରେ ଏସ୍‌ସିବି ମେଡିକାଲ କଲେଜର ପୁରୁଣା ଅଡିଟୋରିୟମରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ୟାଟ୍ର ପୂର୍ବତନ ସଚିବ ଗୋକୁଳ ପତି ଯୋଗଦେଇ କହିଥିଲେ, ଏସ୍‌ସିବିରେ ଭିଡ କମାଇବା ପାଇଁ ସରକାର ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ଚିକିତ୍ସା ଯୋଗାଇ ଦେଉଛନ୍ତି। ଫଳରେ ଏସ୍‌ସିବି ମେଡିକାଲର ଡାକ୍ତରମାନେ ଛାତ୍ରୀଛାତ୍ରଙ୍କୁ ପଢାଇବା ଓ ରିସର୍ଚ୍ଚ ପ୍ରତି ବିଶେଷ ଧ୍ୟାନ ଦେଇପାରିବେ। ଏସ୍‌ସିବିର ଛାତ୍ରୀଛାତ୍ର ଓ ଫାକଲ୍‌ଟିମାନେ ଉନ୍ନତ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସହ ଭାବର ଆଦାନ ପ୍ରଦାନ କଲେ ଚିକିତ୍ସା ମାନରେ ଆହୁରି ଉନ୍ନତି ହୋଇପାରିବ। ଅନ୍ୟତମ ଅତିଥି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ କହିଥିଲେ, ଏସ୍‌ସିବିକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ଗତ ପାଞ୍ଚ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି। କୌଣସି ପରିସ୍ଥିତିରେ ଡାକ୍ତରଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ। ଆସନ୍ତା ୨୬ ତାରିଖରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଥିଲେ। ସେହିପରି ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନଫର୍ମେଶନ ଟେକ୍ନୋଲୋଜିର ଯୁଗ୍ମ ସଚିବ ପ୍ରଣବ ମହାନ୍ତି କହିଥିଲେ, କୋଭିଡ୍ ସମୟରେ ଓଡ଼ିଶା ଯେଉଁଭଳି ଭାବେ ଦେଶର ବିଭିନ୍ନ ରାଜ୍ୟକୁ ଅକ୍ସିଜେନ ଯୋଗାଇଛି ତାହା ବାସ୍ତବରେ ସ୍ୱାଗତଯୋଗ୍ୟ। ଏହି କାର୍ଯ୍ୟକ୍ରମରେ ବହୁ ପ୍ରଫେସର, ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ୨୨ ବାଇକ ଜବତ : ୫ ଅଟକ

ଆଠଗଡ଼, ୧୯।୧୧(ସ୍ୱ.ପ୍ର.)

ଆଠଗଡ଼ ଉପଖଣ୍ଡରୁ ଶୁକ୍ରବାର ୨୨ଟି ଚୋରା ବାଇକ ଜବତ କରାଯାଇଛି। ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖାଯାଇଛି। ଖଣ୍ଡଗିରି ଥାନାରେ ମାମଲା (ନଂ. ୫୩୧/୨୧) ତଦନ୍ତ ବେଳେ ଏହି ବାଇକ୍ ଚୋରି ରାକେଟର ରହସ୍ୟ ଉନ୍ମୋଚନ ହୋଇଛି। ଏନେଇ ଆଠଗଡ ଏବଂ ଖଣ୍ଡଗିରି ଥାନା ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଆଠଗଡ଼ ଥାନା ଅଞ୍ଚଳରୁ ୩ଟି ବାଇକ୍ ଜବତ କରାଯାଇଛି। ଚୋରା ଗାଡି ବିକ୍ରି ଅଭିଯୋଗରେ ଟିଗିରିଆ ଥାନା ଅନ୍ତର୍ଗତ ନୂଆ ପାଟଣା ଗ୍ରାମର ଜଣେ ମଧ୍ୟସ୍ଥଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସବ୍ ଇନ୍ସପେକ୍ଟର ଦେବଦତ୍ତ ସାମନ୍ତରାୟ କହିଛନ୍ତି।

## ସଂକ୍ଷେପରେ

### ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୧୯।୧୧:** କଟକ ନଗର ଭାଜପା ପକ୍ଷରୁ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କୁ ଚୌଦ୍ୱାରସ୍ଥିତ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। କଟକ ନଗର ଭାଜପା ନେତା ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଧୀରେନ କୁମାର ସେଠୀ, ପୂର୍ଣ୍ଣେନ୍ଦ୍ର ମହାନ୍ତି, ଚନ୍ଦ୍ରଶେଖର ବିଶ୍ୱାଳ, ରାଜେନ୍ଦ୍ର ମହାପାତ୍ର, ଜ୍ଞାନରଞ୍ଜନ ଦାସ ପ୍ରମୁଖ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦାସ କହିଥିଲେ, ଯୁବପିଢିଙ୍କୁ ଘୋଡ଼ାନାଚ ପ୍ରତି ଆକୃଷ୍ଟ କରିବା ସହିତ ଏହି ଲୋକକଳାର ପ୍ରଚାରପ୍ରସାର ପାଇଁ ଅବିରତ ଚେଷ୍ଟା କରିବି।

### ଯୋଗୀବେଶରେ ଧବଳେଶ୍ୱର



ଖୁଣ୍ଟୁଣୀ, ୧୯।୧୧(ଡି.ଏନ.ଏ): କାର୍ତ୍ତିକପୂର୍ଣ୍ଣିମା ଅବସରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ଯୋଗୀବେଶ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଠାକୁରଙ୍କ ମାସେ ବ୍ୟାପୀ ଚାଲିଥିବା କାର୍ତ୍ତିକ ବ୍ରତ ଶୁକ୍ରବାର ଶେଷ ହୋଇଛି। ଭୋର ୪ଟାରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଶ୍ରୀମୁଖ ପଖାଳ ସହ ବିଭିନ୍ନ ନୀତିକାନ୍ତି କରାଯାଇ ସୁଗନ୍ଧିତ ପୁଷ୍ପରେ ଠାକରଙ୍କୁ ଯୋଗୀବେଶରେ ସଜ୍ଜିତ କରାଯାଇଥିଲା। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୧୪୪ ଧାରା ଜାରି କରାଯାଇଥିବାରୁ ଉକ୍ତ ପୀଠ ଭକ୍ତଶୂନ୍ୟ ହୋଇପଡିଥିଲା। ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ୧୪୪ ଧାରା ଶୁକ୍ରବାର ରାତି ୧୦ଟାରୁ ଉଠାଇ ଦିଆଯାଇଛି।

# ନୌବାଣିଜ୍ୟ ପରମ୍ପରାର ନିଦର୍ଶନ ବୋଇତ ବନ୍ଦାଣ

କଟକ ଅଫିସ, ୧୯।୧୧

### ମୁଖପତ୍ର ‘କଳିଙ୍ଗ ସୌଦାଗର’ ଉନ୍ମୋଚିତ

ବୋଇତ ବନ୍ଦାଣ ଉତ୍ସବ ପୁରାତନ ନୌବାଣିଜ୍ୟ ପରମ୍ପରାର ନିଦର୍ଶନ। ଚଳିତବର୍ଷ କରୋନା କଟକଣା ଯୋଗୁ ତୈଳିକ ବୈଶ୍ୟ ସମାଜ ପକ୍ଷରୁ କଟକ ଟାଉନ ହଲ୍‌ଠାରେ ପ୍ରତୀକାତ୍ମକ ଭାବେ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍ୟୋଗପତି ସନ୍ତୋଷ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ତୈଳିକ ବୈଶ୍ୟ ସମାଜ ପରମ୍ପରାକୁ ବଞ୍ଚାଇ ରଖିଛି। ଏଥିପାଇଁ ଅନୁଷ୍ଠାନର ଉତ୍ତରଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ରହିଛି। ଆଗାମୀ ଦିନରେ ଅନୁଷ୍ଠାନର ଏକ ପ୍ରତିନିଧି ଦଳ ବାଲିଦ୍ୱୀପ ଯିବା ନେଇ ସହମତି ପ୍ରକାଶ କରିଥିଲେ। ଆଡ୍‌ଭୋକେଟ ପ୍ରଶାନ୍ତ କୁମାର ସାହୁଙ୍କ ସହ ସଂଯୋଜନାରେ ପ୍ରସ୍ତୁତ ସ୍ୱଜାତୀୟ ମୁଖପତ୍ର ‘କଳିଙ୍ଗ ସୌଦାଗର’ ଉନ୍ମୋଚିତ ହୋଇଥିଲା। ଏଥିସହ ଓଡ଼ିଆଣୀ ବେଶରେ ସାଧବାଣୀମାନେ ସାଧବଙ୍କୁ ପ୍ରତୀକାତ୍ମକ ବୋଇତରେ ବନ୍ଦାପନା କରିଥିଲେ। ଅନୁଷ୍ଠାନର ସଭାପତି ଡା. ଉତ୍ତମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବିଶ୍ୱଜିତ ସୂର୍ଯ୍ୟବଂଶୀ, ସମ୍ମାନିତ ଅତିଥି ଭାବେ ଡା. ରତନମଣି ସାହୁ, ଗିରିବାଳା ବେହେରା ଯୋଗଦେଇଥିଲେ। ସମ୍ପାଦକ ସରୋଜ କୁମାର ସାହୁ ସ୍ୱାଗତ ଭାଷଣ, ଉପସଭାପତି ଅଭିମନ୍ୟୁ ସାହୁ ଅତିଥି ପରିଚୟ ପ୍ରଦାନ ଓ ବସନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ‘ଦୂରଦୃଷ୍ଟି ଅଭାବରୁ ନଷ୍ଟ ହେଉଛି ଜଳ ସମ୍ପଦ’

କଟକ ଅଫିସ, ୧୯।୧୧

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭାଜପା କଟକ ନଗର ନଦୀ ସୁରକ୍ଷା ସମିତି(ନମାମି ଗଙ୍ଗେ) ପକ୍ଷରୁ ଶୁକ୍ରବାର କଟକ ଧବଳେଶ୍ୱର ଘାଟଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦଳର କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ କହିଥିଲେ, ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ କଟକର ବିପୁଳ ଜଳସମ୍ପଦ ନଷ୍ଟ ହେଉଛି। ଏଥିରେ ବକ୍ତା ଭାବେ ନମାମି ଗଙ୍ଗେ ଓଡ଼ିଶାର ମୁଖ୍ୟ ମହେଶ୍ୱର ସାହୁ, ରାଜ୍ୟର ନେତା ନୟନ କିଶୋର ମହାନ୍ତି, ପ୍ରଦୀପ ପଟ୍ଟନାୟକ, ବ୍ରଜେନ୍ଦ୍ର ରାୟ, ହୃଷୀକେଶ ଜେନା, ଅଶୋକ ରଥ, ସ୍ମୃତି ପଟ୍ଟନାୟକ, ରଶ୍ମିରେଖା ଦାସ, ସଞ୍ଜୟ ଜେନା, ସଞ୍ଜୀବ ରଣା ପ୍ରମୁଖ ଯୋଗଦେଇ କଟକର ସୌନ୍ଦର୍ଯ୍ୟ ଏବଂ ଜଳ ସମ୍ପଦ ଭିତ୍ତିଭୂମିର ବିକାଶ କରାଇବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ବାବା ମାନସ ଚୈତନ୍ୟ ଆଳତି କରିବା ପରେ ପ୍ରତୀକାତ୍ମକ ଭାବେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନମାମି ଗଙ୍ଗେ କଟକର ସଂଯୋଜକ ନାରାୟଣ ପ୍ରସାଦ ମହାନ୍ତି, ସହ ସଂଯୋଜକ ଦୁର୍ଯ୍ୟୋଧନ ଲେଙ୍କା, ରମେଶ ଦାସ, ମିଳନ ବଡୁ, କଳ୍ପନା ପଟ୍ଟନାୟକ, ରଞ୍ଜନ ବେହେରା, ପୁଷ୍ପିତା ମହାପାତ୍ର, ମିତାଲି ଦାସଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

### ଆନ୍ତର୍ଜାତିକ ଯାଦୁକର ବୃତ୍ତଚିତ୍ର ଉନ୍ମୋଚିତ

**କଟକ ଅଫିସ,୧୯।୧୧:** ଭାରତ ଓ ଇଣ୍ଡୋନେସିଆର ଯୁବ ଯାଦୁକରମାନଙ୍କୁ ନେଇ ଆନ୍ତର୍ଜାତିକ ଯାଦୁକର ବୃତ୍ତଚିତ୍ର ଶୁକ୍ରବାର ଅନ୍‌ଲାଇନ୍‌ରେ ଉନ୍ମୋଚିତ ହୋଇଯାଇଛି। ଯୁବ ଯାଦୁଗର ସାରାଂସ ଦାସଙ୍କ ପ୍ରଯୋଜନା ଓ ନିର୍ଦ୍ଦେଶନାରେ ଦ ଇଗଲ ଅଫ ଦ ଷ୍ଟର୍ମ ନାମରେ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ବୃତ୍ତଚିତ୍ରରେ ଉଭୟ ଦେଶର ଐତିହ୍ୟ ଓ ପରମ୍ପରା ବିଷୟରେ ବର୍ଣ୍ଣନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଲ କୁମାୱଥ, ଶିଭମ ପଲ, ଇଣ୍ଡୋନେସିଆ କଳାକାର ଫ୍ରିଂଟଜି, ଆରିଫ, ପାଂରଚାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ‘ସେବା, ତ୍ୟାଗକୁ ଆଧାରକରି ଆଦର୍ଶ ମଣିଷ ହୁଅ’

କଟକ ଅଫିସ, ୧୯।୧୧

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପଲିଟେକ୍‌ନିକ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ମାର୍ଗଦର୍ଶନ କାର୍ଯ୍ୟକ୍ରମ କ୍ୟାମ୍ପସ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦ ଓ ଧନେଶ୍ୱର ରଥଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍‌ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଶୁଭେଚ୍ଛା ବାର୍ତ୍ତାରେ ଅତିଥି ଓ ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରିଦ୍ୱାରସ୍ଥିତ ରାମକୃଷ୍ଣ ମଠର ଅଧ୍ୟକ୍ଷ ସ୍ୱାମୀ ସୁଦର୍ଶନାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ଭିତରେ ଥିବା ଅନନ୍ତ ସମ୍ଭାବନାକୁ ଉନ୍ମେଷ କରିବା ସହ ସେବା ଓ ତ୍ୟାଗକୁ ଆଧାର କରି ଆଦର୍ଶ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ସାହିତ୍ୟିକ ମନୋଜ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ବେଦବେଦାନ୍ତ ଓ ଗୀତାଠାରୁ ଦୂରେଇ ଯିବା ଫଳରେ ଲୋକଶକ୍ତି ଦୁର୍ବଳ ହେଉଛି। ଏଣୁ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଗଠନ ଲାଗି ଏସବୁ ଅଧ୍ୟୟନ ଓ ଅନୁଶୀଳନ କରିବା ଆବଶ୍ୟକତା ରହିଛି। ଏଥିରେ ସମ୍ମାନିତ ଅତିଥି ଭାବେ ରାମକୃଷ୍ଣ ସେବା ସଂଘର ପ୍ରଚାରକ ରବିନାରାୟଣ ମହାନ୍ତି, ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତି ଯୋଗଦେଇଥିଲେ। ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ପ୍ରାରମ୍ଭିକ ଅଭିଭାଷଣ ଓ ପ୍ରାଧ୍ୟାପିକା ମାନାରାଣୀ ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ, ପ୍ରାଧ୍ୟାପିକା ମିନାକ୍ଷି ମଲ୍ଲିକ, ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାହୁ, ଯୋଗେଶ ପ୍ରସାଦ ରାଉତ ଓ ଡିନ୍ (ଛାତ୍ର କଲ୍ୟାଣ) ଶିବଚରଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଜୟନ୍ତୀ କର ଧନ୍ୟବାଦ ଦେଇଥିଲେ।

### ମୁରୁଜ ପ୍ରତିଯୋଗିତା

**କଣ୍ଟାପଡା, ୧୯।୧୧(ଡି.ଏନ୍.ଏ.):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କଣ୍ଟାପଡା ବ୍ଲକ ଓଲଟପୁରସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତିଦ୍ୱାରା ପରିଚାଳିତ ଆରୋଗ୍ୟ ଭବନ ପରିସରରେ ମୁରୁଜ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଜଣ ପ୍ରତିଯୋଗୀ ଭାଗନେଇଥିଲେ। ସେଥିମଧ୍ୟରେ ନିର୍ତ୍ତାର ଛାତ୍ରୀ କନକ ମଞ୍ଜରୀ ପ୍ରଥମ, ଶର୍ମିଳା ଭୋଇ ଦ୍ୱିତୀୟ ଓ ରଞ୍ଜିତା ବାଗୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କିଶୋର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଡା. ନରେନ୍ଦ୍ର ବେହେରା ମୁଖ୍ୟଅତିଥି ଓ ମଧୁସ୍ମିତା ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ଚେଲ୍ଲାକୁମାର

ମାହାଙ୍ଗା/ସାଲେପୁର, ୧୯।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

### ମାହାଙ୍ଗା ଡବଲ ମର୍ଡର ଘଟଣା

ମାହାଙ୍ଗା ବ୍ଲକ ନୃତାଙ୍ଗଠାରେ ଡବଲ ମର୍ଡର ଘଟଣାକୁ ଇତି ମଧ୍ୟରେ ବର୍ଷେ ପୂରିଛି। ଏଥିରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଅଭିଯୋଗ କରି ଓଡ଼ିଶା କଂଗ୍ରେସ ପ୍ରଭାରୀ ତଥା ଏଆଇସିସି ସାଧାରଣ ସମ୍ପାଦକ ଡ. ଏସ୍. ଚେଲ୍ଲାକୁମାର ତାଙ୍କ ଇସ୍ତଫା ଦାବି କରିଛନ୍ତି। ଭାଜପା ପ୍ରଭାରୀ କୁଳମଣି ବରାଳ ଓ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ହତ୍ୟାକାଣ୍ଡରେ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ହତ୍ୟା କରାଯାଇ ଦୁର୍ଘଟଣାର ରୂପ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଚେଲ୍ଲାକୁମାର ଶୁକ୍ରବାର ମାହାଙ୍ଗା ଗସ୍ତରେ ଆସି ନୃତାଙ୍ଗ ସ୍ଥିତ କୁଳମଣିଙ୍କ ଘରେ ପହଞ୍ଚି ରମାକାନ୍ତ ବରାଳ ଓ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଉପରୋକ୍ତ ଅଭିଯୋଗ ଆଣିବା ସହ ଆଇନମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ଏହି ଅବସରରେ ମମିତା ମେହେରଙ୍କ ହତ୍ୟାକାଣ୍ଡ ଘଟଣାକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ତାଙ୍କ ସହ ଏଆଇସିସି ସମ୍ପାଦକ ରୁଦ୍ର ରାଜୁ,କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ,ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ପ୍ରମୁଖ ମାହାଙ୍ଗା ଗସ୍ତରେ ଆସିଥିଲେ। ଏହି ଅବସରରେ କଂଗ୍ରେସ ନେତା ଆକ୍ୟୁବ ଖାନ ଓ ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ବାଇକ ଶୋଭାଯାତ୍ରା କରାଯାଇ ଚେଲ୍ଲାକୁମାରଙ୍କୁ ପାଛୋଟି ନିଆଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required Teachers (MATH., SCL, ENG., HINDI, SST). RDM Public School, Patia, Bhubaneswar.
Contact: 9337325035 9668484511

REQUIREMENT
Direct Joining
1. Security Guard
2. Customer Care
3. Front Office Exe.
CONTACT 7008100677, 9692911851

WANTED
We urgenty required Telecaller & Marketing Executive for our office with Salary- 5000/- + Incentive 5%. SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.
9937605788 (M)

APPOINTMENT
URGENTLY REQUIRED 1. TECHNICIAN (R.O / CHIMINEY), 2. SALES MANAGER, 3. FRONT OFFICE EXECUTIVE, 4. OFFICE ASSISTANT, 5. COOK.
Contact: 9040043929

APPOINTMENT
A Logistics firm at BBSR requires graduate/ undergraduate with computer/ Tally working knowledge. Send CV to
E Mail:-nimai.das91@gmail.com
9337789007 / 9437570000

Urgently Required
(Direct joining, permanent job) Groundstaff, supervisor, checker, loader, helper, Driver Salary: 25,500/- ରୁ 55,500/- ଯୋଗ୍ୟତା- ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
Contact - 8448123162

DHARITRI Career appointment Every Wednesday and Saturday

CHENNAI FINANCIER WANTED
Finance Consultant
Mediator
DSA
with knowledge of English salary upto 1lakh & Commission
CHENNAI 9092 692 403

ସାବଧାନ! ସାବଧାନ!! ସାବଧାନ!!!
ରେଳପଥ ନିଯୁକ୍ତି ଦଲାଲ / ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ
ସତର୍କ ରୁହନ୍ତୁ! ସାର୍ବଜନିକ ବିଜ୍ଞପ୍ତି ମନେରଖନ୍ତୁ!
ରେଳପଥରେ ନିଯୁକ୍ତି ପାଇଁ କୌଣସି ବେଆଇନ୍ ମାର୍ଗ ଆପଣାନ୍ତୁ ନାହିଁ
କେବଳ ଯୋଗ୍ୟତା (Merit) ହିଁ ଆପଣଙ୍କୁ ରେଳପଥରେ ଚାକିରି ଦେଇପାରିବ ।
ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶୃତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ ।
ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି ।
ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ ।
ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ ।
ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ :
www.rrbbs.gov.in | www.rrcbbs.org.in
ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶୃତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ ।
ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : sdgm@ecor.railnet.gov.in
ମୁଖ୍ୟ ଜନ ସମ୍ପର୍କ ଅଧିକାରୀ
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : cpro@ecor.railnet.gov.in
ହେଲ୍ପଲାଇନ୍ ନଂ. 8455885031
ଟେଲିଫୋନ ନଂ. 0674-2300230
0674-2301475
ଫାକ୍ସ ନଂ. 0674-2301328
ପୂର୍ବ ତଟ ରେଳପଥ
ଆପଣଙ୍କ ପାଇଁ ଆମେ ଯତ୍ନବାନ
PR-556/M/21-22
ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ :
www.twitter/@EastCoastRail www.facebook/@EASTCOASTRailway1

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ): ମଞ୍ଚେଶ୍ୱର ଥାନା ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖାରବେଳନଗର ଅଞ୍ଚଳରେ ରହୁଥିବା ପୁରୀ ଜିଲା ନିମାପଡା ଅଞ୍ଚଳର ପ୍ରକାଶ ପ୍ରଧାନ, ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ଗଙ୍ଗପୁର ଅଞ୍ଚଳର ରବୀନ୍ଦ୍ର ଗୌଡ, ଶହୀଦନଗର ଥାନା ଅଞ୍ଚଳର ଗଣେଶ ବେହେରା, ଖଣ୍ଡଗିରି ଥାନାରେ ରହୁଥିବା ଗଞ୍ଜାମ ଜିଲା ପୋଲସରା ଅଞ୍ଚଳର ରାମା ପ୍ରଧାନ, ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ବୁଗୁଡା ଅଞ୍ଚଳର ଦାଶରଥୀ ବିଶୋଇ, ଖଣ୍ଡଗିରି ଅଞ୍ଚଳର ନିରଞ୍ଜନ ପାତ୍ର ଓ ଇନ୍‌ଫୋସିଟି ଅଞ୍ଚଳରେ ରହୁଥିବା ଝାରସୁଗୁଡା ଜିଲା ଓରିଏଣ୍ଟ ଅଞ୍ଚଳର ଅଜିତ୍ ପାତ୍ର। ଏମାନଙ୍କଠାରୁ ୨ଟି ବାଇକ୍, ୩ଟି ମୋବାଇଲ, ନଗଦ ୨୯ ହଜାର ଟଙ୍କା ଓ ତାସ୍ ପତା ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୮୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଥାନା କଳିଙ୍ଗନଗର ପାଣ୍ଡରାରେ ଅଭିଯୁକ୍ତମାନେ ଜୁଆ ଖେଳୁଥିବା ପୋଲିସ ଖବରପାଇ ସେଠାରେ ଚଢ଼ାଉ କରିଥିଲା।

### ସମ୍ରାଟ ଖାରବେଳ, କପିଳେନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଭୁବନେଶ୍ୱର,୧୯।୧୧(ବ୍ୟୁରୋ): ଦିଗ୍‌ବିଜୟୀ ବୀର ସମ୍ରାଟ ଖାରବେଳଙ୍କ ଜନ୍ମ ଦିବସ ଓ ଉତ୍କଳୀୟ ନୌବାଣିଜ୍ୟର ସ୍ମୃତି ପାଳନ ପୂର୍ବକ ଉତ୍କଳ ସମ୍ମିଳନୀ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଖଣ୍ଡଗିରି-ଉଦୟଗିରି ପାହାଡ଼ସ୍ଥିତ ହାତୀଗୁମ୍ଫା ତଳେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସମ୍ରାଟ ଖାରବେଳଙ୍କ ଦ୍ୱାରା ଭାରତର ଦୁଇ ତୃତୀୟାଂଶକୁ କଳିଙ୍ଗ ସାମ୍ରାଜ୍ୟରେ ପରିଣତ କରିବା ତଥା ତାଙ୍କ ରାଜତ୍ୱର ୧୩ବର୍ଷର ବହୁ ଘଟଣାବଳୀ ଆଲୋଚନା କରାଯାଇଥିଲା। ସମ୍ରାଟଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବିଷୟରେ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ ମଧ ଯଥାଶୀଘ୍ର ଓଡ଼ିଆ ଜାତିର ୨ ଦିଗ୍‌ବିଜୟୀ ସମ୍ରାଟ ଖାରବେଳ ଓ କପିଳେନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରାଯାଇଥିଲା। ଖାରବେଳଙ୍କର ଖଣ୍ଡଗିରିରେ ଏବଂ କପିଳେନ୍ଦ୍ର ଦେବଙ୍କର ପ୍ରତିମୂର୍ତ୍ତି ପୁରୁଣା ଭୁବନେଶ୍ୱରସ୍ଥିତ ପାପନାଶିନୀ ପୋଖରୀଠାରେ ସ୍ଥାପନ ପାଇଁ ମତପ୍ରକାଶ ପାଇଥିଲା। ସମ୍ମିଳନୀରେ ରାଜ୍ୟ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା, ଉପସଭାପତି ଉଷାରାଣୀ ମହାନ୍ତି, କୋଷାଧକ୍ଷ ବିମଳ ଷଡଙ୍ଗୀ, ଗବେଷକ ହରିଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ବଡ଼ଦାଣ୍ଡରେ ଭିକ ମାଗିଲେ ଲାଡ୍‌ଲି

#### ମାନସିକ ରଖିଥିଲେ ଜେଜେମା'

ପୁରୀ ଅଫିସ,୧୯।୧୧: ଭିକ୍ଷାବୃତ୍ତି କରିଛନ୍ତି ପୁରୀ ଚୁଡ଼ଙ୍ଗ ସାହିର ୧୩ ବର୍ଷୀୟା ଲାଡ୍‌ଲି ବିନ୍ଧାଣୀ। ମହାପ୍ରଭୁଙ୍କ ନିକଟରେ ତାଙ୍କ ପାଇଁ ଜେଜେମା' କରିଥିବା ମାନସିକ ପୂରଣ ନିମନ୍ତେ ଲାଡ୍‌ଲି ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ବସି ଭିକ୍ଷା ମାଗିଛନ୍ତି। ଲାଡ୍‌ଲିଙ୍କ ଜେଜେ ମା' ରାଣୀମତି ବିନ୍ଧାଣି କହିଛନ୍ତି, ଲାଡ୍‌ଲି ଦୀର୍ଘବର୍ଷ ଧରି ଏକ ଅଜଣା ରୋଗରେ ପୀଡ଼ିତ ଥିଲେ। ଶରୀର ଦୁର୍ବଳ ହୋଇଯିବା ସହ ପ୍ରବଳ ମାତ୍ରାରେ ଯନ୍ତ୍ରଣା ହେଉଥିଲା। ଭେଲୋର ଓ ଭୁବନେଶ୍ୱର ସମେତ ଦେଶର କେତେକ ବଡ ହସ୍ପିଟାଲରେ ଚିକିତ୍ସା କରାଇବା ପରେ ବି କୌଣସି ସୁଫଳ ମିଳି ନ ଥିଲା। ସବୁଠି ନିରାଶ ହେବା ପରେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣ ପଶିଥିଲୁ। ଦୁଇବର୍ଷ ତଳେ କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ସମ୍ମୁଖରେ ଲାଡ୍‌ଲିଙ୍କ ଆଶୁ ଆରୋଗ୍ୟ କାମନା କରି ଗୁହାରି ଜଣାଇଥିଲି। ଲାଡ୍‌ଲି ସୁସ୍ଥ ହୋଇଗଲେ ତାଙ୍କୁ ଆଣି ସିଂହଦ୍ୱାର ଆଗରେ ଭିକ୍ଷା ବୃତ୍ତି କରାଇବା ସହ ଏଥିରୁ ଯେଉଁ ଅର୍ଥ ମିଳିବ ତାହାକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବି ବୋଲି ମାନସିକ ରଖିଥିଲି। ଏବେ ଲାଡ୍‌ଲି ସୁସ୍ଥ ହେବା ପରେ ତାଙ୍କୁ ସାଙ୍ଗରେ ଏଠାକୁ ଆଣି ଭିକ୍ଷା ବୃତ୍ତି କରାଇଛି। ସେ ସିଂହଦ୍ୱାର ସମ୍ମୁଖରେ ବସି ୨୧ଜଣ ଦାତାଙ୍କଠାରୁ ଭିକ୍ଷା ଗ୍ରହଣ କରିଥିଲେ। ପରେ ଉକ୍ତ ଅର୍ଥକୁ ଶ୍ରୀମନ୍ଦିର ହୁଣ୍ଡିରେ ଦାନ କରିଛନ୍ତି। ସେହିପରି ଲାଡ୍‌ଲି କହିଛନ୍ତି, ମହାପ୍ରଭୁଙ୍କ ଅଶେଷ କୃପାରୁ ମୁଁ ଏବେ ସୁସ୍ଥ ଅଛି। ମୋ ଦୁର୍ବଳତା ଦିନକୁ ଦିନ କମୁଛି। ଏଣୁ ମାନସିକ ଅନୁଯାୟୀ ଏଠାକୁ ଆସି ଭିକ୍ଷାବୃତ୍ତି କରିଥିଲି। ଶ୍ରୀମନ୍ଦିର ହୁଣ୍ଡିରେ ସମସ୍ତ ଅର୍ଥ ଦାନ କରିଛି ଓ ତାଙ୍କ ଆଶିଷ ଲାଭ କରିଛି। ତେଣୁ ମୁଁ ବହୁତ ଖୁସି। ମୋ ପାଇଁ ଆଜି ଦିନଟି ସବୁଦିନ ମନେ ରହିବ ବୋଲି ସେ ପ୍ରକାଶ କରିଥିଲେ।

# ଭିତର ରତ୍ନଭଣ୍ଡାର ଚାବିକୁ ନେଇ ହଟୁନି ଦ୍ୱନ୍ଦ୍ୱ

■ ଆର୍‌ଟିଆଇରେ ମିଳିଲା ଭିନ୍ନ ଭିନ୍ନ ତଥ୍ୟ

■ ଚାବି ବିନା ରତ୍ନଭଣ୍ଡାର ଯାଞ୍ଚ ନେଇ ଉଠିଲା ପ୍ରଶ୍ନ

ପୁରୀ ଅଫିସ, ୧୯।୧୧

ରତ୍ନଭଣ୍ଡାରକୁ ନେଇ ନୂଆ ବିବାଦ ଦେଖାଦେଇଛି। ପୂର୍ବରୁ ରତ୍ନଭଣ୍ଡାର ଚାବି ଘଟଣାରେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକଳାପ ଉପରେ ସାଧାରଣରେ ଅନେକ ପ୍ରଶ୍ନ ଉଠିସାରିଥିବା ବେଳେ ଶୁକ୍ରବାର ଏକ ସୂଚନା ଅଧିକାର ରିପୋର୍ଟ ଏହି ଚର୍ଚ୍ଚାକୁ ପୁଣି ଖୋରାକ୍ ଯୋଗାଇଛି। ଚାବି ହଜିବା ଘଟଣାରେ ପୁରୀ ଜିଲା କୋଷାଗାରରୁ ୨ଟି ଭିନ୍ନ ଭିନ୍ନ ତଥ୍ୟ ନେଇ ପ୍ରଶାସନର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ସେପ୍ଟେମ୍ବର ୨୪ରେ ଜିଲା ଟ୍ରେଜେରି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୧୯୬୦ ମସିହାରୁ ରତ୍ନଭଣ୍ଡାର ଭିତର ଘର ଚାବି ଟ୍ରେଜେରିରୁ ମିଳୁନାହିଁ। ମାତ୍ର ସୂଚନା ଅଧିକାର ଆଇନ ବଳରେ ପୁରୀର ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳଙ୍କୁ ଗତ ୧୮ ତାରିଖରେ ପ୍ରାପ୍ତ ହୋଇଥିବା ତଥ୍ୟରେ ୧୯୬୦ ମସିହା ପରଠାରୁ ଚାବି ହଜିବା ସମ୍ପର୍କରେ ଉଲ୍ଲେଖ ନାହିଁ। ବରଂ ୧୯୭୦ ମସିହା ପରଠାରୁ ଚାବି ହଜିଥିବା ଟ୍ରେଜେରୀ କର୍ତ୍ତୃପକ୍ଷ ଜିଲାପାଳଙ୍କୁ ସୂଚନା ଦେଇଛନ୍ତି। ତେବେ ବାସ୍ତବରେ ଚାବି ୧୯୬୦ରୁ ମିଳୁନାହିଁ କିମ୍ବା ୧୯୭୦ରୁ ମିଳୁନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଚାବି କେବେ ହଜିଲା ସେସମ୍ପର୍କରେ ପ୍ରଶାସନ କାହିଁକି ସ୍ପଷ୍ଟ ଭାବେ କହିପାରୁନାହିଁ ତାହା ବୁଝାପଡୁନାହିଁ। ଭିନ୍ନ ଭିନ୍ନ ସୂଚନା ଅଧିକାର ତଥ୍ୟରେ ଭିନ୍ନ ଭିନ୍ନ ମସିହା ଉଲ୍ଲେଖ ହୋଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୮ ଏପ୍ରିଲ ୪ରେ ଚାବି ନ ଥିବା କଥା ଟ୍ରେଜେରି କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ୧୯୭୦ ପରଠାରୁ ଚାବି ହଜିଥିବା କଥା ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନାଙ୍କୁ ଅବଗତ କରାଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି, ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ସମୀକ୍ଷା ପାଇଁ ଯାଇଥିବା ୧୭ଜଣ ପ୍ରାଧିକୃତ ସଦସ୍ୟ ଭିତରଭଣ୍ଡାର ଚାବି ନ ଥିବା କଥା ଜାଣିଥିଲେ। ୧୯୭୦ ମସିହା ପରଠାରୁ ବାସ୍ତବରେ ଯଦି ଚାବି ହଜିସାରିଛି ତେବେ ସଦସ୍ୟମାନେ ରତ୍ନଭଣ୍ଡାର ଖୋଲିବାକୁ ଗଲେ କାହିଁକି। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବନା ସହ ଖେଳି ଚାବି ଖୋଲିବାର ମିଛ ନାଟକ କାହିଁକି କରାଗଲା। ଅନ୍ୟପକ୍ଷରେ ଗତ ସେପ୍ଟେମ୍ବର ୨୪ରେ ଟ୍ରେଜେରି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୯୬୦ ପରଠାରୁ ଚାବି ନାହିଁ। ଏକଥା ଯଦି ସତ ତେବେ ୧୯୭୦ ମସିହା ଉଲ୍ଲେଖ କରାଗଲା କାହିଁକି। ଏହି ପ୍ରସଙ୍ଗରେ କିଏ କାହାକୁ ମିଛ କହୁଛି ତାହା ସବୁଠାରୁ ବଡ଼ ପ୍ରଶ୍ନ। ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟରେ ଟ୍ରେଜେରି କାର୍ଯ୍ୟାଳୟ ଜଗନ୍ନାଥପ୍ରେମୀଙ୍କୁ ମିଛ କହୁଛନ୍ତି ନା ଟ୍ରେଜେରୀ କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ମିଛ କହିଛନ୍ତି ତାହାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେହିପରି ୧୯୬୦ ମସିହା ପରଠାରୁ ଚାବି ହଜିଯାଇଥିବା ତଥ୍ୟ ଯଦି ସତ୍ୟ ତେବେ ୧୯୭୩, ୧୯୭୮ ଓ ୧୯୮୫ ମସିହାରେ ଚାବି କେଉଁଠାରୁ ଆସିଥିଲା ଓ କେଉଁ ଅଧିକାରୀ ଚାବି ଆଣି ରତ୍ନଭଣ୍ଡାର ଭିତର ଘର ଖୋଲିଥିଲେ ସେସମ୍ପର୍କରେ ମଧ ସ୍ପଷ୍ଟ ଚିତ୍ର ମିଳୁନାହିଁ। ସୂଚନା ଅଧିକାର କର୍ମୀ ବରାଳ କହିଛନ୍ତି, ଚାବି ନ ଥିବା ସ୍ଥଳେ ରତ୍ନଭଣ୍ଡାର ରେଜିଷ୍ଟ୍ରରରେ ଏକଥା ଉଲ୍ଲେଖ କରାଗଲା ନାହିଁ କାହିଁକି। ରେଜିଷ୍ଟ୍ରରରେ ଭିତରଭଣ୍ଡାର ଘରକୁ ଯିବାର ଆବଶ୍ୟକତା ନ ଥିବା ଉଲ୍ଲେଖ କରାଯାଇଥିବା ବେଳେ ବାସ୍ତବତା ହେଉଛି ୧୭ ଜଣିଆ ଟିମ୍‌ଙ୍କ ପାଖରେ ଚାବି ନ ଥିଲା। ଏସମ୍ପର୍କରେ ରତ୍ନଭଣ୍ଡାର ରେଜିଷ୍ଟ୍ରରରେ ଉଲ୍ଲେଖ ନ କରି ସଦସ୍ୟମାନେ ବେଆଇନ କାର୍ଯ୍ୟ କରିଛନ୍ତି। ଏହାପରେ ସେଠାରୁ ଫେରି ଅଧିକାରୀମାନେ ମନଗଢ଼ା କାହାଣୀ କହି ଲୋକଙ୍କୁ ଭୁଲେଇବାରେ ଲାଗିଥିଲେ। ଜଗନ୍ନାଥପ୍ରେମୀଙ୍କ ଭାବନା ପ୍ରତି ଏହା ଏକ କୁଠାରାଘାତ। ଅନ୍ୟପକ୍ଷରେ ଭିତରଭଣ୍ଡାର ଚାବି ପରବର୍ତ୍ତୀ ସମୟରେ ରେକର୍ଡ ରୁମ୍‌ରୁ ମିଳିଥିବା ନେଇ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସୂଚନା ଦେଇଥିଲେ। ସେ ୨୦୧୮ ଅଗଷ୍ଟ ୬ରେ ଟ୍ରେଜେରିରେ ଚାବି ଦାଖଲ କରିଥିଲେ। ଅର୍ଥାତ୍ ଏବେ ଚାବି ମହଜୁଦ ରହିଛି। ଏକଥା ଯଦି ସତ୍ୟ ତେବେ ଏବେ ଥିବା ଚାବିରେ ରତ୍ନଭଣ୍ଡାର ଖୋଲାଯାଇ ସ୍ଥିତି ଯାଞ୍ଚ କରାଯିବା ଦରକାର। ଫଳରେ ଜଗନ୍ନାଥପ୍ରେମୀଙ୍କ ମନରେ ଥିବା ଆଶଙ୍କା ଦୂର ହୋଇପାରିବ। ରାଜ୍ୟ ସରକାରଙ୍କ ଆଇନ ବିଭାଗ ତୁରନ୍ତ ଏନେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।



ଶୁକ୍ରବାର ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ଥିବାରୁ ଶ୍ରଦ୍ଧାଳୁ ବଡ଼ଦାଣ୍ଡରେ ପତିତପାବନଙ୍କୁ ଦର୍ଶନ କରୁଛନ୍ତି।

## ୨୨ରେ ମିନିଟ୍ରକ୍ ମାଲିକ ସଂଘର ସତ୍ୟାଗ୍ରହ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

କଟକ, ଭୁବନେଶ୍ୱର ଟ୍ରକ ମାଲିକ ମହାସଂଘ ପକ୍ଷରୁ ୭ଟି ଦାବି ସମ୍ପର୍କରେ ଏକ ସ୍ମାରକପତ୍ର ରାଜ୍ୟ ସରକାରଙ୍କୁ ଦିଆଯାଇଥିଲା। କିନ୍ତୁ ଏଯାଏ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ଏ ନେଇ ମିନିଟ୍ରକ ମାଲିକ ମହାସଂଘ ପକ୍ଷରୁ ନଭେମ୍ବର ୨୨ରେ ସତ୍ୟାଗ୍ରହ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ସକାଳ ୧୦ଘଟିକାରୁ ଏହା ଆରମ୍ଭ ହେବା ନେଇ ସଂଘ ସୂଚନା ଦେଇଛି। ଅଟୋମେଟିକ ଫିଟନେସ୍ ଉଚ୍ଛେଦ କରାଯାଇ ମାନୁଆଲ ଫିଟନେସ୍ କରିବା, ଗାଡ଼ି ମାଲିକଙ୍କଠାରୁ ଆଦାୟ କରାଯାଉଥିବା ବର୍ଦ୍ଧିତ ୧୦ଗୁଣା ଜରିମାନା ବନ୍ଦ କରାଯାଉ, ସରକାରଙ୍କ କାମରେ ଲାଗୁଥିବା ଗାଡ଼ିଗୁଡ଼ିକର ଉଚିତ ମୂଲ୍ୟ ଦିଆଯାଉ, ସରକାର ଗାଡ଼ି ଯାଞ୍ଚ ପ୍ରକ୍ରିୟାକୁ କୋହଳ କରାଯାଉ ଆଦି ଦାବି ରହିଛି।

## ସେଣ୍ଟଜନ ଆମ୍ବୁଲାନ୍ସ ପକ୍ଷରୁ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ସେଣ୍ଟଜନ ଆମ୍ବୁଲାନ୍ସ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ବାଣୀବିହାରସ୍ଥିତ ଡିଡିସିଇ ପରିସର ମଧ୍ୟରେ ପ୍ରାଥମିକ ତାଲିମଦାତାଙ୍କର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୬ତାରିଖରୁ ଆରମ୍ଭ ହୋଇ ୩ଦିନ ଧରି ଚାଲିଥିଲା। ପ୍ରଥମ ୨ଦିନରେ ପ୍ରାଥମିକ ଚିକିତ୍ସାର ପ୍ରଚାର ପ୍ରସାର, ହୃଦରୋଗ ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ଶେଷ ଦିନରେ ପ୍ରତିଦନ ଦୁର୍ଘଟଣାରେ ଘଟୁଥିବା ମୃତ୍ୟୁକୁ କିପରି ରୋକାଯାଇପାରିବ ସେ ଦିଗରେ ବିଶେଷ ପଦକ୍ଷେପ ନେବା ନିତ୍ୟାନ୍ତ ଜରୁରୀ ଓ ପ୍ରାଥମିକ ଚିକିତ୍ସା ବାକ୍ସ ବିଷୟରେ ଆଲୋଚନା କରାଯାଇଥିଲା।



କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଶୁକ୍ରବାର କୃଷ୍ଣପ୍ରସାଦଗଡ଼ ନୌଘାଟଠାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ।

## ବୋଇତ ବନ୍ଦାଣ ଉତ୍ସବ

କୃଷ୍ଣପ୍ରସାଦ,୧୯।୧୧(ଡି.ଏନ୍.ଏ.)

ଉତ୍କଳୀୟ ନୌବାଣିଜ୍ୟ, ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଶୁକ୍ରବାର କୋଭିଡ୍ କଟକଣା ମଧ୍ୟରେ କୃଷ୍ଣପ୍ରସାଦ ଗଡ଼ ନୌଘାଟଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୋଇତ ବନ୍ଦାଣ ପରିଚାଳନା କମିଟି ସଭାପତି ବାଉରିବନ୍ଧୁ ଦଳେଇଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବକୁ କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଦୁର୍ଯ୍ୟୋଧନ ନାୟକ, ସୀମାଞ୍ଚଳ ନାୟକ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର ପ୍ରମୁଖ ଯୋଗଦେଇ ଅତୀତର ସାଧବ ପୁଅଙ୍କ ସ୍ମୃତିକୁ ମନେ ପକାଇଥିଲେ। ଅନୁଷ୍ଠାନର ଅଶୋକ ପଣ୍ଡା,ବିଜୟ ଜେନା, ନାଲୁ ପାହାଣ, ଅଭିରାମ ସିଂହ, ନବୀନ ଜେନା, ଦିବାକର ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପାରଳାଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ନନ୍ଦନକାନନରେ ପୁଣି ଗଡ଼ିଲା ଶିଶୁ ରେଳଗାଡ଼ି

■ ୬ ଟ୍ରିପ୍‌ରେ ମୋଟ ୩୧୯ ପର୍ଯ୍ୟଟକ ବୁଲିଲେ

■ ପର୍ଯ୍ୟଟକଙ୍କ ସଂଖ୍ୟା ୫ ଲକ୍ଷ ଛୁଇଁଲା

ବାରଙ୍ଗ,୧୯।୧୧(ଡି.ଏନ୍.ଏ.)

ବହୁ ବିଭ୍ରାଟ ପରେ ଶୁକ୍ରବାର ନନ୍ଦନକାନନରେ ଶିଶୁ ରେଳଗାଡି(ଟୟ ଟ୍ରେନ) ପୁଣି ଚାଲିଛି। ଶେଷ ଟ୍ରିପ୍ ପର୍ଯ୍ୟନ୍ତ ଠିକ୍ ଭାବେ ଚାଲିଥିବା ବେଳେ କୌଣସି ତ୍ରୁଟି ଦେଖାଦେଇ ନ ଥିଲା। ତେବେ ଶିଶୁ ରେଳଗାଡ଼ି ୬ଟି ଟ୍ରିପ୍ କରିଥିବାବେଳେ ମୋଟ ୩୧୯ଜଣ ପର୍ଯ୍ୟଟକଙ୍କୁ ବୁଲାଇଛି। ଶିଶୁ ରେଳଗାଡି ଆରମ୍ଭ ହୋଇ ଚାଲିବା ମଧ୍ୟରେ ୨ଥର ଯାନ୍ତ୍ରିକ ତ୍ରୁଟି ଯୋଗୁ ବନ୍ଦ ହୋଇଥିଲା। ଏବେ ମରାମତି କରାଯାଇ ମରାମତି କରାଯାଇ ଶୁକ୍ରବାର ପୁନଃ ପ୍ରଚଳନ କରାଯାଇଛି। ଏ ସମ୍ପର୍କରେ ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି, ଭୁବନେଶ୍ୱର ଆଇଆଇଟିର ୬ଜଣ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଆସି ଟ୍ରେନଟିକୁ ଅନୁଧ୍ୟାନ କରିବା ପରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଟ୍ରେନରେ କୌଣସି ପ୍ରକାର ସମସ୍ୟା ଦେଖା ନ ଦେବା ପାଇଁ ଛୋଟ ସଂଶୋଧନ କରିବାକୁ ଏହି ଦଳ ପରାମର୍ଶ ଦେଇଛନ୍ତି। ଏଥିସହ ଶିଶୁ ରେଳଗାଡି ଯୋଗାଣକାରୀ ସଂସ୍ଥାକୁ ଯାନ୍ତ୍ରିକ ଓ ବୈଦ୍ୟୁତିକ ବିଶେଷଜ୍ଞ ଦଳ ଆସି ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବେ। ଏହାପରେ ପ୍ରତିଦିନ ୬ ଟ୍ରିପ୍ ପ୍ରଚଳନକୁ ବୃଦ୍ଧି କରାଯିବ ବୋଲି ଉପନିର୍ଦ୍ଦେଶକ କହିଛନ୍ତି। ସେହିଭଳି କୋଭିଡ୍ କଟକଣା ଭିତରେ ନନ୍ଦନକାନନ ଅଗଷ୍ଟ ୩ରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଥିଲା। ତେବେ ଖୋଲିବା ପରଠାରୁ ଏପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ବୃଦ୍ଧି ପାଇ ସମୁଦାୟ ପର୍ଯ୍ୟଟକଙ୍କ ସଂଖ୍ୟା ୫ଲକ୍ଷ ଅତିକ୍ରମ କରିଛି। ଶୁକ୍ରବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନ ୧୨,୫୬୪ ଜଣ ପର୍ଯ୍ୟଟକ ବୁଲି ଆସିଥିଲେ। ନନ୍ଦନକାନନକୁ ଅଫ୍‌ଲାଇନରେ ୧୧,୯୭୮ଜଣ ଓ ଅନ୍‌ଲାଇନରେ ୧୯୧ଜଣ ପର୍ଯ୍ୟଟକ ଆସିଥିଲେ ବୋଲି ଟିକେଟ ବିକ୍ରିରୁ ଜଣାପଡିଛି। ସେହିପରି ବଟାନିକାଲ ଗାର୍ଡେନକୁ ୩୭୫ ପର୍ଯ୍ୟଟକ ଆସିଥିଲେ ବୋଲି ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ଡାହାଳ ଦେବୀଙ୍କ ବାର୍ଷିକୋତ୍ସବ

ବେଗୁନିଆ,୧୯।୧୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ମା' ଡାହାଳ ଦେବୀଙ୍କ ପୀଠ ପରିସରରେ ଦୁଇ ଦିନ ହେବ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମା'ଙ୍କ ପବିତ୍ର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅବସରରେ ସାମାଜିକ ଦୂରତ୍ୱ ରକ୍ଷା କରି ଭକ୍ତମାନେ ବଡ଼ଓଷା ପାଳନ କରିଥିଲେ। ଗୁରୁବାର ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଲକ୍ଷ୍ମୀଧର ବେହେରା, ପ୍ରଫୁଲ୍ଲ ମହାରଣା, ଡ.ସୋମନାଥ ବିଶୋୟୀ, ନବକିଶୋର ବିଶୋୟୀ, ଅଚ୍ୟୁତ ମହାରଣା, ଅକ୍ଷୟ ବିଶୋୟୀ, ଚନ୍ଦ୍ରକାନ୍ତ ବେହେରା, ସୋମନାଥ ସାହୁ ଉତ୍ସବରେ ସହଯୋଗ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required Teachers (MATH., SCL, ENG., HINDI, SST).
RDM Public School, Patia, Bhubaneswar.
Contact: 9337325035 9668484511

REQUIREMENT
Direct Joining
1. Security Guard
2. Customer Care
3. Front Office Exe.
CONTACT
7008100677, 9692911851

WANTED
We urgenty required Telecaller & Marketing Executive for our office with Salary- 5000/- + Incentive 5%. SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.
9937605788 (M)

APPOINTMENT
URGENTLY REQUIRED 1. TECHNICIAN (R.O / CHIMINEY), 2. SALES MANAGER, 3. FRONT OFFICE EXECUTIVE, 4. OFFICE ASSISTANT, 5. COOK.
Contact: 9040043929

APPOINTMENT
A Logistics firm at BBSR requires graduate/ undergraduate with computer/ Tally working knowledge. Send CV to
E Mail:-nimai.das91@gmail.com
9337789007 / 9437570000

Urgently Required
(Direct joining, permanent job)
Groundstaff, supervisor, checker, loader, helper, Driver
Salary: 25,500/- ରୁ 55,500/-
ଯୋଗ୍ୟତା- ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
Contact - 8448123162





CHENNAI FINANCIER WANTED
Finance Consultant
Mediator
DSA
with knowledge of English
salary upto 1lakh & Commission
CHENNAI 9092 692 403

## ଯୁବକଙ୍କ ପତ୍ତା ପାଉନି ପୋଲିସ

■ ଗାଈ ଚରାଇବାକୁ ଯାଇ ଅକ୍ଟୋବର ୨୪ରୁ ନିଖୋଜ ଅଛନ୍ତି

■ ରାଜନୈତିକ ଚାପରେ ପୋଲିସ ଚୁପ୍

■ ଘଟଣାର ଅନୁସନ୍ଧାନ ଜାରି ରହିଛି: ଏସ୍‌ଡିପିଓ

ଖୋର୍ଦ୍ଧା ଅଫିସ,୧୯।୧୧

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ କୁମ୍ଭିଲୋ ଗ୍ରାମର ସନ୍ତୋଷ କୁମାର ବେହେରା ଓରଫ ରାଜା(୨୫)ଗାଈ ଚରାଇବାକୁ ଯାଇ ଅକ୍ଟୋବର ୨୪ରୁ ନିଖୋଜ ଅଛନ୍ତି। ଘଟଣାକୁ ୨୬ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ନିରୁଦ୍ଦିଷ୍ଟଙ୍କ ପୋଷ୍ଟର ମାରିବା ସହ ମାମଲା ରୁଜୁକରି ଚୁପ୍ ବସିଛି। ୨୪ଘଣ୍ଟାରେ ରାଜାଙ୍କୁ ଖୋଜି ବାହାର କରିବା ପାଇଁ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ତେବେ ଘଟଣାକୁ ୨୬ଦିନ ବିତିଯାଇଥିଲେ ମଧ୍ୟ ରାଜାଙ୍କ ପତ୍ତା ପାଇପାରୁନି ପୋଲିସ। ଅନ୍ୟପକ୍ଷରେ ରାଜନୈତିକ ଚାପରେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

କେତେଜଣ ଗ୍ରାମବାସୀଙ୍କ କହିବାନୁଯାୟୀ, ଘଟଣା ଦିନ ଏକ କାର୍‌ରେ ୪ରୁ ୬ଜଣ ଯୁବକ ଗାଁ ମୁଣ୍ଡରୁ ରାଜାଙ୍କୁ ଜୋର ଜବରଦସ୍ତ ଉଠାଇ ନେଇ ପଳାଇଥିଲେ। ଏଥିସହ ପତନିବରର ଏକ ପରିବାରର ସମ୍ପର୍କୀୟ ରାଜାଙ୍କ ଘରକୁ ଆସି ଧମକ ଦେଇଥିଲେ। ଏହାର କିଛି ସମୟ ପରେ ରାଜାଙ୍କ ସନ୍ଧାନ ମିଳି ନ ଥିଲା। ଏହି ଘଟଣାରେ ପତନିବର ଗ୍ରାମର କେତେଜଣ ଯୁବକଙ୍କ ହାତ ରହିଛି। ସେମାନଙ୍କ ରାଜନୈତିକ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସମ୍ପର୍କ ଥିବାରୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ସେହିପରି ରାଜାଙ୍କ ଭଉଣୀ କହିଛନ୍ତି, କାହା ସହିତ ବି ରାଜାର କୌଣସି ଝଗଡା ନ ଥିଲା। ତାଙ୍କୁ ଅପହରଣ କରି ନେଇଯାଇଛନ୍ତି। ରାଜାଙ୍କ ବାପା ଲକ୍ଷ୍ମୀଧର କହିଛନ୍ତି, ନ୍ୟାୟ ନ ମିଳିଲେ, ଆଗାମୀ ଦିନରେ ପରିବାର ଆମରଣ ଅନଶନ ସହ ଆତ୍ମାହୁତି ଦେବୁ ବୋଲି କହିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଅକ୍ଟୋବର ୨୪ରେ ଗାଁ ପାଳି ଅନୁସାରେ ରାଜା ଗୋରୁ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଗୋରୁ ଗୋଠ ଫେରି ଆସିଥିବା ବେଳେ ରାଜା ଫେରି ନ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜା ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏନେଇ ୨୫ ତାରିଖରେ ଲକ୍ଷ୍ମୀଧର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ଏତଲା ଠିକ୍ ଭାବେ ଲେଖାଯାଇନାହିଁ କହି ପୋଲିସ ତାଙ୍କୁ ଫେରାଇ ଦେଇଥିଲା। ଏହାର ପ୍ରତିବାଦରେ ପରିବାର ଏବଂ ଶତାଧିକ ଗ୍ରାମବାସୀ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ୨୮ ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଥିଲେ। ୨୪ଘଣ୍ଟା ମଧ୍ୟରେ ରାଜାଙ୍କ ଅନୁସନ୍ଧାନ କରି ବାହାର କରିବେ ବୋଲି ପ୍ରତିଶ୍ରୁତି ମିଳିଥିଲା। ନଭେମ୍ବର ୧ରେ ପୋଲିସ ପକ୍ଷରୁ ରାଜା ନିଖୋଜ ଥିବା ନେଇ ଏକ ବିଜ୍ଞପ୍ତି ଜାରି ହୋଇଥିଲା। ଚାରିଆଡେ ନିରୁଦ୍ଦିଷ୍ଟ ପୋଷ୍ଟର ମାରି ପୋଲିସ ଚୁପ୍ ବସିଛି। ପରିବାର ଲୋକେ ପୁଣି ନଭେମ୍ବର ୧୫ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ନିକଟରେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି, ଘଟଣାର ଅନୁସନ୍ଧାନ ଜାରି ରହିଛି। ପୋଲିସ କୌଣସି ଚାପରେ ନାହିଁ। ସମସ୍ତ ଦିଗକୁ ଅନୁସନ୍ଧାନ କରାଯାଉଛି। ସମସ୍ତ ଥାନାକୁ ମଧ୍ୟ ଅବଗତ କରାଯାଇଛି।

ସାବଧାନ ! ସାବଧାନ !! ସାବଧାନ !!!
ରେଳପଥ ନିଯୁକ୍ତି ଦଲାଲ / ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ
ସତର୍କ ରୁହନ୍ତୁ! ସାର୍ବଜନିକ ବିଜ୍ଞପ୍ତି ମନେରଖନ୍ତୁ!
ରେଳପଥରେ ନିଯୁକ୍ତି ପାଇଁ କୌଣସି ବେଆଇନ୍ ମାର୍ଗ ଆପଣାନ୍ତୁ ନାହିଁ
କେବଳ ଯୋଗ୍ୟତା (Merit) ହିଁ ଆପଣଙ୍କୁ ରେଳପଥରେ ଚାକିରି ଦେଇପାରିବ ।
ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ ।
ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି ।
ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ ।
ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ ଭୋଗିବାକୁ ପଡ଼ିପାରେ ।
ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ :
www.rrbbs.gov.in | www.rrcbbs.org.in
ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ ।
ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : sdgm@ecor.railnet.gov.in
ମୁଖ୍ୟ ଜନ ସମ୍ପର୍କ ଅଧିକାରୀ
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : cpro@ecor.railnet.gov.in
ହେଲ୍ପଲାଇନ୍ ନଂ. 8455885031
ଟେଲିଫୋନ ନଂ. 0674-2300230
0674-2301475
ଫାକ୍ସ ନଂ. 0674-2301328
ପୂର୍ବ ତଟ ରେଳପଥ
ଆପଣଙ୍କ ପାଇଁ ଆମେ ଯତ୍ନବାନ
PR-556/M/21-22
ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ :
www.twitter/@EastCoastRail
www.facebook/@EASTCOASTRailway1

## ରୁଦ୍ରାଭିଷେକ ଯଜ୍ଞ ପୂର୍ଣ୍ଣାହୁତି

ସାକ୍ଷୀଗୋପାଳ,(ଡି.ଏନ୍.ଏ.)- ଶୈବପୀଠ ଗତିଶ୍ୱର ଦେବଙ୍କ ପରିସରରେ ଅଁଳାନବମୀଠାରୁ ଚାଲିଥିବା ରୁଦ୍ରାଭିଷେକ ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଯାଇଛି। ଯାଜ୍ଞିକ ତଥା ମୁଖ୍ୟ ପୁରୋହିତମାନଙ୍କ ଦ୍ୱାରା ଭାଗବତ ପାରାୟଣ, ନାମ ସଂକୀର୍ତ୍ତନ, ନୀତିକାନ୍ତି ପରେ ନାମଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ ମାଧମରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଯୋଗଗୁରୁ ନିରଞ୍ଜନ ପାଣ୍ଡେ ଓ ସମ୍ପାଦକ ଉପେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ମହେନ୍ଦ୍ର ପଣ୍ଡା ଓ କର୍ତ୍ତ୍ରୀ ଭାବେ ରୀତାଞ୍ଜଳି ପଣ୍ଡା ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଅତିଥି ଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇଥିଲେ। ଯୋଗେନ୍ଦ୍ର ନାୟକ, ପ୍ରଶାନ୍ତ ବିଶ୍ୱାଳ, ରବୀନ୍ଦ୍ର ସାହୁ, ସଙ୍ଗିକାନ୍ତ ଜେନା, ସ୍ୱାଧୀନ ପ୍ରଧାନ, ଗଙ୍ଗାଧର ବରାଳ, ସର୍ବେଶ୍ୱର ପ୍ରଧାନ, ରଜନୀ ବେହେରା, ଅଶୋକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗତିଶ୍ୱର ଦେବ ଯୋଗ କେନ୍ଦ୍ର ତରଫରୁ ଯୋଗ, ଶିଶୁ ଦିବସ, କବି ସମ୍ମିଳନୀ ଓ ରାସ୍ତା ସଫେଇ କରାଯାଇଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୧୧।୨୦୨୧

| | |
|---|---|
| ୩,୧୭,୪୨୭ ଟଙ୍କା | |
| ସୁନା | ୨.୩୦୦ ଗ୍ରାମ |
| ରୁପା | ୫୫ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ବିଶ୍ୱ ଶିଶୁ ଅଧିକାର ଦିବସ, ନୂତନ ବିଜ୍ଞାନାଗାର ଓ ଡିଜିଟାଲ ସ୍ମାର୍ଟ କ୍ଲାସ୍‌ରୁମ୍ ଉଦ୍‌ଘାଟନ, ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସକାଳ ୯ଟା ୩୦।
- ଅଲ୍ ଇଣ୍ଡିଆ ଡାକ କର୍ମଚାରୀ ୟୁନିୟନ ପୁରୀ ଶାଖା ପକ୍ଷରୁ କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ବୈଠକ, ଶ୍ରୀସଦାଶିବ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଆଶ୍ୱସ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବସ୍ତ୍ର ବଣ୍ଟନ, ଛଇତନା, ପୂର୍ବାହ୍ନ ୧୦ଟା ୩୦।
- ଶିଶୁ ସମାଚାର ପକ୍ଷରୁ ବିଶ୍ୱ ଶିଶୁ ଅଧିକାର ଦିବସ ପାଳନ, ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, ଅପରାହ୍ନ ୩ଟା

# ଭିତର ରତ୍ନଭଣ୍ଡାର ଚାବିକୁ ନେଇ ହଟୁନି ଦ୍ୱନ୍ଦ୍ୱ

- ଆର୍‌ଟିଆଇରେ ମିଳିଲା ଭିନ୍ନ ଭିନ୍ନ ତଥ୍ୟ
- ଚାବି ବିନା ରତ୍ନଭଣ୍ଡାର ଯାଞ୍ଚ ନେଇ ଉଠିଲା ପ୍ରଶ୍ନ

ପୁରୀ ଅଫିସ,୧୯।୧୧: ରତ୍ନଭଣ୍ଡାରକୁ ନେଇ ନୂଆ ବିବାଦ ଦେଖାଦେଇଛି। ପୂର୍ବରୁ ରତ୍ନଭଣ୍ଡାର ଚାବି ଘଟଣାରେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକଳାପ ଉପରେ ସାଧାରଣରେ ଅନେକ ପ୍ରଶ୍ନ ଉଠିସାରିଥିବା ବେଳେ ଶୁକ୍ରବାର ଏକ ସୂଚନା ଅଧିକାର ରିପୋର୍ଟ ଏହି ଚର୍ଚ୍ଚାକୁ ପୁଣି ଖୋରାକ୍ ଯୋଗାଇଛି। ଚାବି ହଜିବା ଘଟଣାରେ ପୁରୀ ଜିଲା କୋଷାଗାରରୁ ୨ଟି ଭିନ୍ନ ଭିନ୍ନ ତଥ୍ୟ ନେଇ ପ୍ରଶାସନର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ସେପ୍ଟେମ୍ବର ୨୪ରେ ଜିଲା ଟ୍ରେଜେରୀ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୧୯୬୦ ମସିହାରୁ ରତ୍ନଭଣ୍ଡାର ଭିତର ଘର ଚାବି ଟ୍ରେଜେରିରୁ ମିଳୁନାହିଁ। ମାତ୍ର ସୂଚନା ଅଧିକାର ଆଇନ ବଳରେ ପୁରୀର ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳଙ୍କୁ ଗତ ୧୮ ତାରିଖରେ ପ୍ରାପ୍ତ ହୋଇଥିବା ତଥ୍ୟରେ ୧୯୬୦ ମସିହା ପରଠାରୁ ଚାବି ହଜିବା ସମ୍ପର୍କରେ ଉଲ୍ଲେଖ ନାହିଁ। ବରଂ ୧୯୭୦ ମସିହା ପରଠାରୁ ଚାବି ହଜିଥିବା ଟ୍ରେଜେରି କର୍ତ୍ତୃପକ୍ଷ ଜିଲାପାଳଙ୍କୁ ସୂଚନା ଦେଇଛନ୍ତି। ତେବେ ବାସ୍ତବରେ ଚାବି ୧୯୬୦ରୁ ମିଳୁନାହିଁ କିମ୍ବା ୧୯୭୦ରୁ ମିଳୁନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଚାବି କେବେ ହଜିଲା ସେସମ୍ପର୍କରେ ପ୍ରଶାସନ କାହିଁକି ସ୍ପଷ୍ଟ ଭାବେ କହିପାରୁନାହିଁ ତାହା ବୁଝାପଡୁନାହିଁ। ଭିନ୍ନ ଭିନ୍ନ ସୂଚନା ଅଧିକାର ତଥ୍ୟରେ ଭିନ୍ନ ଭିନ୍ନ ମସିହା ଉଲ୍ଲେଖ ହୋଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୮ ଏପ୍ରିଲ ୪ରେ ଚାବି ନ ଥିବା କଥା ଟ୍ରେଜେରି କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ୧୯୭୦ ପରଠାରୁ ଚାବି ହଜିଥିବା କଥା ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନାଙ୍କୁ ଅବଗତ କରାଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି, ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ସମୀକ୍ଷା ପାଇଁ ଯାଇଥିବା ୧୭ଜଣ ପ୍ରାଧିକୃତ ସଦସ୍ୟ ଭିତରଭଣ୍ଡାର ଚାବି ନ ଥିବା କଥା ଜାଣିଥିଲେ। ୧୯୭୦ ମସିହା ପରଠାରୁ ବାସ୍ତବରେ ଯଦି ଚାବି ହଜିସାରିଛି ତେବେ ସଦସ୍ୟମାନେ ରତ୍ନଭଣ୍ଡାର ଖୋଲିବାକୁ ଗଲେ କାହିଁକି। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବନା ସହ ଖେଳି ଚାବି ଖୋଲିବାର ମିଛ ନାଟକ କାହିଁକି କରାଗଲା। ଅନ୍ୟପକ୍ଷରେ ଗତ ସେପ୍ଟେମ୍ବର ୨୪ରେ ଟ୍ରେଜେରି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୯୬୦ ପରଠାରୁ ଚାବି ନାହିଁ। ଏକଥା ଯଦି ସତ ତେବେ ୧୯୭୦ ମସିହା ଉଲ୍ଲେଖ କରାଗଲା କାହିଁକି। ଏହି ପ୍ରସଙ୍ଗରେ କିଏ କାହାକୁ ମିଛ କହୁଛି ତାହା ସବୁଠାରୁ ବଡ଼ ପ୍ରଶ୍ନ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଟ୍ରେଜେରି କାର୍ଯ୍ୟାଳୟ ଜଗନ୍ନାଥପ୍ରେମୀଙ୍କୁ ମିଛ କହୁଛନ୍ତି ନା ଟ୍ରେଜେରି କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ମିଛ କହିଛନ୍ତି ତାହାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେହିପରି ୧୯୬୦ ମସିହା ପରଠାରୁ ଚାବି ହଜିଯାଇଥିବା ତଥ୍ୟ ଯଦି ସତ୍ୟ ତେବେ ୧୯୭୩, ୧୯୭୮ ଓ ୧୯୮୫ ମସିହାରେ ଚାବି କେଉଁଠାରୁ ଆସିଥିଲା ଓ କେଉଁ ଅଧିକାରୀ ଚାବି ଆଣି ରତ୍ନଭଣ୍ଡାର ଭିତର ଘର ଖୋଲିଥିଲେ ସେସମ୍ପର୍କରେ ମଧ୍ୟ ସ୍ପଷ୍ଟ ଚିତ୍ର ମିଳୁନାହିଁ। ସୂଚନା ଅଧିକାର କର୍ମୀ ବରାଳ କହିଛନ୍ତି, ଚାବି ନ ଥିବା ସ୍ଥଳେ ରତ୍ନଭଣ୍ଡାର ରେଜିଷ୍ଟ୍ରରରେ ଏକଥା ଉଲ୍ଲେଖ କରାଗଲା ନାହିଁ କାହିଁକି। ରେଜିଷ୍ଟ୍ରରରେ ଭିତରଭଣ୍ଡାର ଘରକୁ ଯିବାର ଆବଶ୍ୟକତା ନ ଥିବା ଉଲ୍ଲେଖ କରାଯାଇଥିବା ବେଳେ ବାସ୍ତବତା ହେଉଛି ୧୭ ଜଣିଆ ଟିମ୍‌ଙ୍କ ପାଖରେ ଚାବି ନ ଥିଲା। ଏସମ୍ପର୍କରେ ରତ୍ନଭଣ୍ଡାର ରେଜିଷ୍ଟ୍ରରରେ ଉଲ୍ଲେଖ ନ କରି ସଦସ୍ୟମାନେ ବେଆଇନ କାର୍ଯ୍ୟ କରିଛନ୍ତି। ଏହାପରେ ସେଠାରୁ ଫେରି ଅଧିକାରୀମାନେ ମନଗଢ଼ା କାହାଣୀ କହି ଲୋକଙ୍କୁ ଭୁଲେଇବାରେ ଲାଗିଥିଲେ। ଜଗନ୍ନାଥପ୍ରେମୀଙ୍କ ଭାବନା ପ୍ରତି ଏହା ଏକ କୁଠାରାଘାତ। ଅନ୍ୟପକ୍ଷରେ ଭିତରଭଣ୍ଡାର ଚାବି ପରବର୍ତ୍ତୀ ସମୟରେ ରେକର୍ଡ ରୁମ୍‌ରୁ ମିଳିଥିବା ନେଇ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସୂଚନା ଦେଇଥିଲେ। ସେ ୨୦୧୮ ଅଗଷ୍ଟ ୬ରେ ଟ୍ରେଜେରିରେ ଚାବି ଦାଖଲ କରିଥିଲେ। ଅର୍ଥାତ୍ ଏବେ ଚାବି ମହଜୁଦ ରହିଛି। ଏକଥା ଯଦି ସତ୍ୟ ତେବେ ଏବେ ଥିବା ଚାବିରେ ରତ୍ନଭଣ୍ଡାର ଖୋଲାଯାଇ ସ୍ଥିତି ଯାଞ୍ଚ କରାଯିବା ଦରକାର। ଫଳରେ ଜଗନ୍ନାଥପ୍ରେମୀଙ୍କ ମନରେ ଥିବା ଆଶଙ୍କା ଦୂର ହୋଇପାରିବ। ରାଜ୍ୟ ସରକାରଙ୍କ ଆଇନ ବିଭାଗ ତୁରନ୍ତ ଏନେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ବଡ଼ଦାଣ୍ଡରେ ଭିକ ମାଗିଲେ ୧୩ ବର୍ଷୀୟା ଲାଡ୍‌ଲି



### ରୋଗ ଭଲ ପାଇଁ ମାନସିକ ରଖିଥିଲେ ଜେଜେମା'

ପୁରୀ ଅଫିସ, ୧୯।୧୧: ଭିକ୍ଷାବୃତ୍ତି କରିଛନ୍ତି ପୁରୀ ଚୁଡ଼ଙ୍ଗ ସାହିର ୧୩ ବର୍ଷୀୟା ଲାଡ୍‌ଲି ବିଦ୍ଧାଣି। ମହାପ୍ରଭୁଙ୍କ ନିକଟରେ ତାଙ୍କ ପାଇଁ ଜେଜେମା' କରିଥିବା ମାନସିକ ପୂରଣ ନିମନ୍ତେ ଲାଡ୍‌ଲି ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ବସି ଭିକ୍ଷା ମାଗିଛନ୍ତି। ଲାଡ୍‌ଲିଙ୍କ ଜେଜେ ମା' ରାଣୀମତି ବିଦ୍ଧାଣି କହିଛନ୍ତି, ଲାଡ୍‌ଲି ଦୀର୍ଘବର୍ଷ ଧରି ଏକ ଅଜଣା ରୋଗରେ ପୀଡ଼ିତ ଥିଲେ। ଶରୀର ଦୁର୍ବଳ ହୋଇଯିବା ସହ ପ୍ରବଳ ମାତ୍ରାରେ ଯନ୍ତ୍ରଣା ହେଉଥିଲା। ଭେଲୋର ଓ ଭୁବନେଶ୍ୱର ସମେତ ଦେଶର କେତେକ ବଡ ହସ୍ପିଟାଲରେ ଚିକିତ୍ସା କରାଇବା ପରେ ବି କୌଣସି ସୁଫଳ ମିଳି ନ ଥିଲା। ସବୁଠି ନିରାଶ ହେବା ପରେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣ ପଶିଥିଲୁ। ଦୁଇବର୍ଷ ତଳେ କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ସମ୍ମୁଖରେ ଲାଡ୍‌ଲିଙ୍କ ଆଶୁ ଆରୋଗ୍ୟ କାମନା କରି ଗୁହାରି ଜଣାଇଥିଲି। ଲାଡ୍‌ଲି ସୁସ୍ଥ ହୋଇଗଲେ ତାଙ୍କୁ ଆଣି ସିଂହଦ୍ୱାର ଆଗରେ ଭିକ୍ଷା ବୃତ୍ତି କରାଇବା ସହ ଏଥିରୁ ଯେଉଁ ଅର୍ଥ ମିଳିବ ତାହାକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବି ବୋଲି ମାନସିକ ରଖିଥିଲି। ଏବେ ଲାଡ୍‌ଲି ସୁସ୍ଥ ହେବା ପରେ ତାଙ୍କୁ ସାଙ୍ଗରେ ଏଠାକୁ ଆଣି ଭିକ୍ଷା ବୃତ୍ତି କରାଇଛି। ସେ ସିଂହଦ୍ୱାର ସମ୍ମୁଖରେ ବସି ୨୧ଜଣ ଦାତାଙ୍କଠାରୁ ଭିକ୍ଷା ଗ୍ରହଣ କରିଥିଲେ। ପରେ ଉକ୍ତ ଅର୍ଥକୁ ଶ୍ରୀମନ୍ଦିର ହୁଣ୍ଡିରେ ଦାନ କରିଛନ୍ତି। ସେହିପରି ଲାଡ୍‌ଲି କହିଛନ୍ତି, ମହାପ୍ରଭୁଙ୍କ ଅଶେଷ କୃପାରୁ ମୁଁ ଏବେ ସୁସ୍ଥ ଅଛି। ମୋ ଦୁର୍ବଳତା ଦିନକୁ ଦିନ କମୁଛି। ଏଣୁ ମାନସିକ ଅନୁଯାୟୀ ଏଠାକୁ ଆସି ଭିକ୍ଷାବୃତ୍ତି କରିଥିଲି। ଶ୍ରୀମନ୍ଦିର ହୁଣ୍ଡିରେ ସମସ୍ତ ଅର୍ଥ ଦାନ କରିଛି ଓ ତାଙ୍କ ଆଶିଷ ଲାଭ କରିଛି। ତେଣୁ ମୁଁ ବହୁତ ଖୁସି। ମୋ ପାଇଁ ଆଜି ଦିନଟି ସବୁଦିନ ମନେ ରହିବ ବୋଲି ସେ ଭାବପ୍ରବଣ ହୋଇ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ୫-ଟି ବିଦ୍ୟାଳୟ କାର୍ଯ୍ୟ ଦେଖିଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ପୁରୀ ଅଫିସ,୧୯।୧୧: ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଶୁକ୍ରବାର କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରି ଶିକ୍ଷାଦାନ ପାଇଁ ୫-ଟି ଉପକ୍ରମରେ ରୂପାନ୍ତରିତ ବଡ଼ଖାଡ ପଞ୍ଚାୟତର କମଳେଶ୍ୱର ବିଦ୍ୟାପୀଠ ଓ ସିଆଣ୍ଡ ପଞ୍ଚାୟତର ଓରାସ୍ଥିତ ସାନସୀମା ସରକାରୀ ଉଚ୍ଚ ବିଦ୍ୟାଳୟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଦାସବର୍ମାଙ୍କ ସହ କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ, ଜିଲା ପରିଷଦ ସଦସ୍ୟା ପ୍ରଭାତି ପ୍ରଧାନ, ସମିତିସଭ୍ୟ ବିଜୟ କୁମାର ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ପୁରୀ ଜିଲାର ୬୦ଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟକ୍ରମର ଲୋକାର୍ପଣ କରିବେ।

### ବିଶ୍ୱ ଐତିହ୍ୟ ସପ୍ତାହ ସମାରୋହ

କୋଣାର୍କ, ୧୯।୧୧(ଡି.ଏନ୍.ଏ): ସୂର୍ଯ୍ୟମନ୍ଦିର ପରିସରରେ ବିଶ୍ୱ ଐତିହ୍ୟ ସପ୍ତାହ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଏଏସ୍‌ଆଇ ନିର୍ଦ୍ଦେଶକ ବସନ୍ତ ସ୍ୱର୍ଣ୍ଣକର, ଆଇଆଇଟି ମାଡ୍ରାସ ପ୍ରଫେସର ଅରୁଣ ମେନନ, ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଅରୁଣ ମଲିକ ଯୋଗଦେଇ ଆମ ସମସ୍ତଙ୍କର ଐତିହ୍ୟ ସୁରକ୍ଷା ଦାୟିତ୍ୱ ରହିଛି ବୋଲି କହିଥିଲେ। ଏହି ଅବସରରେ ସୂର୍ଯ୍ୟମନ୍ଦିରକୁ ଗୋଟିଏ ଦିନ ପାଇଁ ପ୍ରବେଶ ଶୁଳ୍କ ଛାଡ଼, ୭ଦିନ ଧରି ଐତିହ୍ୟ ଫଟୋ ପ୍ରଦର୍ଶନୀ ଓ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଫଟୋ ପ୍ରଦର୍ଶନୀକୁ ଅଞ୍ଚଳବାସୀ, ଛାତ୍ରୀଛାତ୍ର ଓ ପର୍ଯ୍ୟଟକ ପରିଦର୍ଶନ କରି ନିଜ କଳା, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଜାଣିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ସ୍ଥାନୀୟ ଜବାହର ନବୋଦୟ ବିଦ୍ୟାଳୟ, ଭେଙ୍କଟେଶ୍ୱର ସ୍କୁଲ, ସରକାରୀ ଉଚ୍ଚ ବିଦ୍ୟାଳୟ, ଦାମୋଦର ବାଳିକା ବିଦ୍ୟାଳୟ, ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ର ଏହି ଫଟୋ ପ୍ରଦର୍ଶନୀ ବୁଲି ଦେଖିଥିଲେ।

### ଜିଲାପାଳଙ୍କୁ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ଦାବିପତ୍ର

ପୁରୀ ଅଫିସ, ୧୯।୧୧: ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପୁରୀ ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଜିଲା ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି କହିଛନ୍ତି, ସରକାର ୧୯୯୫ ମସିହାରେ ଦେଇଥିବା ପ୍ରତିଶ୍ରୁତି ବର୍ତ୍ତମାନ ପର୍ଯ୍ୟନ୍ତ ପୂରଣ କରିନାହାନ୍ତି। ମାସକୁ ୯ ହଜାର ଟଙ୍କା ପେନସନ୍, ବିଭିନ୍ନ ସରକାରୀ ଯୋଜନାରେ ସାମିଲ ସହ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆସୋସିଏଶନ ଦାବି କରିଛି। ନଚେତ ଆନ୍ଦୋଳନ କରାଯିବା ସହ ଆଗାମୀ ନିର୍ବାଚନରେ ସଂଘର ସଦସ୍ୟ ଏବଂ ତାଙ୍କ ପରିବାର ଭୋଟ ବର୍ଜନ କରିବେ। ଏହି ବିକ୍ଷୋଭରେ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କୈଳାସ ସାହୁ, ରଘୁନାଥ ଜେନା, ଭଗବାନ ନନ୍ଦ, ଦିଗାମ୍ବର ପଣ୍ଡା ଏବଂ କମଳ ମହାନ୍ତିଙ୍କ ସମେତ ଜିଲାର ୨୫ଟି ଅନୁଷ୍ଠାନର ୧୦୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇଥିଲେ।



ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ପକ୍ଷରୁ ସ୍ୱର୍ଗଦ୍ୱାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ସଂସ୍କାର ସେବକମାନେ ।

# ସମ୍ବର୍ଦ୍ଧିତ ହେଲେ ୪୦ ସଂସ୍କାର ସେବକ

ପୁରୀ ଅଫିସ, ୧୯।୧୧: ସ୍ୱର୍ଗଦ୍ୱାର ସଂସ୍କାର ସେବକମାନଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପୁରୀ ଶାଖା ସହଯୋଗରେ ସ୍ୱର୍ଗଦ୍ୱାରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ଜଣ ସଂସ୍କାର ସେବକଙ୍କୁ ସେମାନଙ୍କ ସେବା ପାଇଁ ପ୍ରଶଂସାପତ୍ର ସହ ଉପଢୌକନ ଓ ସଂସ୍କାର ସେବକ ନିଧି ପୁସ୍ତିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱର୍ଗଦ୍ୱାର ସେବା ସମିତି ଆବାହକ ସମ୍ପାଦକ ତଥା ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇଥିଲେ। ସ୍ୱର୍ଗଦ୍ୱାରକୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ସଂସ୍କାର ସେବକମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ବିଆଇର ରିଜିଓନାଲ ମ୍ୟାନେଜର ଶଙ୍କର୍ଷଣ ମଲିକ ଯୋଗଦେଇ ଆଗାମୀ ଦିନରେ ସଞ୍ଚୟ ମାଧମରେ ସଂସ୍କାର ସେବକ ଓ ସେମାନଙ୍କ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଶେଷ ଅତିଥି ଭାବେଏସ୍‌ବିଆଇର ଆସିଷ୍ଟାଣ୍ଟ ମ୍ୟାନେଜର (ଆକାଉଣ୍ଟସ୍ ଅଡିଟ) ବକ୍ଳେଶ ସିଂ ଯୋଗଦେଇ ସ୍ୱର୍ଗଦ୍ୱାର ସେବା ସହ ଜଡ଼ିତ ପ୍ରତ୍ୟେକ ସେବକ ଭାଗ୍ୟବାନ ବୋଲି କହିଥିଲେ। ସ୍ୱର୍ଗଦ୍ୱାର ସେବା ସମିତିର କାର୍ଯ୍ୟକାରୀ କମିଟି ସଦସ୍ୟ ସିଦ୍ଧାର୍ଥ ରାୟ ସ୍ୱାଗତ ଭାଷଣ ଏବଂ ଏସ୍‌ବିଆଇ ପୁରୀ ମୁଖ୍ୟ ଶାଖାର ପ୍ରବନ୍ଧକ ସମ୍ବିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସ୍ୱର୍ଗଦ୍ୱାର ସେବା କେନ୍ଦ୍ରର ମୁଖ୍ୟ ସେବକ ସୁଜିତ୍ ମହାନ୍ତି, କନିଷ୍ଠ ସେବକ ବ୍ରଜ କିଶୋର ସାହୁ, ସନ୍ତୋଷ ମହାନ୍ତି, ବିଶ୍ୱନାଥ ହରିଚନ୍ଦନ ଏବଂ ରାଜେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନ୍ତ୍ରୀଙ୍କ ଦ୍ୱାରା ୧୩୩ ସ୍ୱାସ୍ଥ୍ୟ କର୍ମଚାରୀ ସମ୍ବର୍ଦ୍ଧିତ

ନିମାପଡ଼ା,୧୯।୧୧(ଡି.ଏନ୍.ଏ.) ନିମାପଡ଼ା ଓ ଚାରିଛକ ମେଡିକାଲରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରୋଗୀ କଲ୍ୟାଣ ସମିତି ବୈଠକ ଓ କାୟାକଳ୍ପ ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ସମାରୋହ ପୃଥକ ଭାବେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ସନାତନ ପ୍ରଧାନ, ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷମାନିଧି ସେଠୀ, ଡା.ବିଜୟିନୀ ସାହୁ, ଚାରିଛକ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ ସାମନ୍ତରାୟ, ଡା.ମହେଶ ମହାପାତ୍ର, ଫାର୍ମାସିଷ୍ଟ ଆଇ.ତ୍ରିନାଥ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ, ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ସମ୍ପର୍କରେ ଆଲୋଚନା କରାଯାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ନିମାପଡ଼ା ମେଡିକାଲର ୬୦ଜଣ ଓ ଚାରିଛକ ମେଡିକାଲର ୭୩ଜଣ ମୋଟ୍ ୧୩୩ଜଣ ଡାକ୍ତର, ସେବିକା, ନର୍ସ, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ରୋଗୀ କଲ୍ୟାଣ ସମିତି ସଦସ୍ୟ, ଅଧିକାରୀମାନଙ୍କୁ ମନ୍ତ୍ରୀ ଦାଶ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ୬ ଗାଡ଼ି ଜବତ, ୧.୧୪ ଲକ୍ଷ ଜରିମାନା ଆଦାୟ

### ମାଙ୍କଡ଼ା ପଥର ଚୋରା ଚାଲାଣ

ଡେଲାଙ୍ଗ,୧୯।୧୧(ଡି.ଏନ୍.ଏ.) ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ଅଭିଯୋଗ ପରେ ଡେଲାଙ୍ଗ ତହସିଲ ଅଫିସ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ୬ଟି ଗାଡିକୁ ଜବତ କରିବା ସହ ଗାଡି ମାଲିକଙ୍କଠାରୁ ୧ଲକ୍ଷ ୧୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନାଥାଉକି, ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ, ଆର୍‌ଆଇ ନଚିକେତା ଦାସ, ନବକିଶୋର ପ୍ରଧାନ, ଅଭୟ ମହାନ୍ତି, କୃଷ୍ଣ ନାୟକ, ଚନ୍ଦନ ପ୍ରଧାନ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ମାଧବ ପ୍ରଧାନ ପ୍ରମୁଖ ଡେଲାଙ୍ଗ ଅଞ୍ଚଳରେ ବିଭିନ୍ନ ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ମାଙ୍କଡା ପଥର ନେଇ ଗାଡିଗୁଡିକର ଯାଞ୍ଚ କରିଥିଲେ। କାଗଜପତ୍ର ନ ଦେଖାଇବାରୁ ମୋଟରିରେ ପ୍ରଶାନ୍ତ ଦାଶଙ୍କଠାରୁ ୮ହଜାର ଟଙ୍କା, ଶାଉରିଆରେ ଚକ୍ରଧର ମହାନ୍ତିଙ୍କଠାରୁ ୪୦ ହଜାର ଓ ଦେବାଶିଷ ମହାରଣା ୩୫ ହଜାର, ହରିରାଜପୁର ଜୟକୃଷ୍ଣ ବରାଳଙ୍କ ଠାରୁ ୧୫ହଜାର, ଡେଲାଙ୍ଗ ପ୍ରଶାନ୍ତ ମାର୍ଥାଙ୍କଠାରୁ ୮ହଜାର, ତରାବୋଇ ଶଶିକାନ୍ତ ଦାଶଙ୍କଠାରୁ ୮ହଜାର ଜରିମାନା ଆଦାୟ କରାଯାଇଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# 'ଶୃଙ୍ଖଳିତ ସମାଜ ଗଠନରେ ଈଶ୍ୱରଙ୍କ ପ୍ରତ୍ୟକ୍ଷଣ ଜରୁରୀ'

ପୁରୀ ଅଫିସ, ୧୯।୧୧: ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ବଳିଆପଣ୍ଡାସ୍ଥିତ ଈଶ୍ୱରୀୟ ରାଜଯୋଗ ସାଧନାକେନ୍ଦ୍ରରେ 'ସୁଶୃଙ୍ଖଳିତ ସମାଜ ଗଠନରେ ଈଶ୍ୱରଙ୍କ ପ୍ରତ୍ୟକ୍ଷଣ' ଶୀର୍ଷକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାଶ ଯୋଗଦେଇଥିଲେ। ଆଧ୍ୟାତ୍ମିକ ଚିନ୍ତନ ପାଇଁ ସାମ୍ପ୍ରତିକ ସମାଜରେ ଲୋକଙ୍କ ପାଖରେ ସମୟ ନାହିଁ। ତେବେ ନିଜକୁ ଅତି ମାନସ ସ୍ତରକୁ ନେବା ପାଇଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଦର୍ଶନ ଏକ ସର୍ବଧର୍ମୀ ପ୍ରେରଣାର ସ୍ରୋତ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ ହସ୍ପିଟାଲ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଧ୍ୟାତ୍ମିକ ଶିକ୍ଷା ଓ ରାଜଯୋଗ ସାଧନା ପ୍ରଣାଳୀ ଏକ ବୋଧଗମ୍ୟ ସର୍ବ ଆଦୃତ ଦର୍ଶନ ଯାହା ଶରୀର ଓ ଆତ୍ମାକୁ ସୁଖମୟ ସ୍ଥିତି ଆଡକୁ ଅନୁପ୍ରାଣିତ କରେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, କିଟ୍ ବିଶ୍ୱବିଦ୍ୟାଳୟ ଉପଦେଷ୍ଟା ପ୍ରଫେସର ଭିକାରି ଚରଣ ଗୁରୁ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଈଶ୍ୱରୀୟ ସାଧନା କେନ୍ଦ୍ର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. ନିରୁପମା ଆଶୀର୍ବଚନ ଏବଂ ବ୍ରହ୍ମାକୁମାର ଡାକ୍ତର ସତ୍ୟାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଈଶ୍ୱରୀୟ ରାଜଯୋଗ ସାଧନାକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required Teachers (MATH., SCL, ENG., HINDI, SST). RDM Public School, Patia, Bhubaneswar.
Contact: 9337325035 9668484511

REQUIREMENT
Direct Joining
1. Security Guard
2. Customer Care
3. Front Office Exe.
CONTACT 7008100677, 9692911851

WANTED
We urgenty required Telecaller & Marketing Executive for our office with Salary- 5000/- + Incentive 5%. SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.
9937605788 (M)

APPOINTMENT
URGENTLY REQUIRED 1. TECHNICIAN (R.O / CHIMINEY), 2. SALES MANAGER, 3. FRONT OFFICE EXECUTIVE, 4. OFFICE ASSISTANT, 5. COOK.
Contact: 9040043929

APPOINTMENT
A Logistics firm at BBSR requires graduate/ undergraduate with computer/ Tally working knowledge. Send CV to
E Mail:-nimai.das91@gmail.com
9337789007 / 9437570000

Urgently Required
(Direct joining, permanent job)
Groundstaff, supervisor, checker, loader, helper, Driver
Salary: 25,500/- ରୁ 55,500/-
ଯୋଗ୍ୟତା- ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
Contact - 8448123162

DHARITRI Career appointment Every Wednesday and Saturday

CHENNAI FINANCIER WANTED
Finance Consultant
Mediator
DSA
with knowledge of English
salary upto 1lakh & Commission
CHENNAI 9092 692 403

ସାବଧାନ ! ସାବଧାନ !! ସାବଧାନ !!!
ରେଳପଥ ନିଯୁକ୍ତି ଦଲାଲ / ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ
ସତର୍କ ରୁହନ୍ତୁ! ସାର୍ବଜନିକ ବିଜ୍ଞପ୍ତି ମନେରଖନ୍ତୁ!
ରେଳପଥରେ ନିଯୁକ୍ତି ପାଇଁ କୌଣସି ବେଆଇନ୍ ମାର୍ଗ ଆପଣାନ୍ତୁ ନାହିଁ
କେବଳ ଯୋଗ୍ୟତା (Merit) ହିଁ ଆପଣଙ୍କୁ ରେଳପଥରେ ଚାକିରି ଦେଇପାରିବ ।
ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ ।
ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି ।
ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ ।
ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ ।
ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନଲିଖିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ :
www.rrbbs.gov.in | www.rrcbbs.org.in
ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ, ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017. ଇ-ମେଲ୍ : sdgm@ecor.railnet.gov.in
ମୁଖ୍ୟ ଜନ ସମ୍ପର୍କ ଅଧିକାରୀ, ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017. ଇ-ମେଲ୍ : cpro@ecor.railnet.gov.in
ହେଲ୍ପଲାଇନ୍ ନଂ. 8455885031
ଟେଲିଫୋନ ନଂ. 0674-2300230, 0674-2301475
ଫାକ୍ସ ନଂ. 0674-2301328
ପୂର୍ବ ତଟ ରେଳପଥ
PR-556/M/21-22
www.twitter/@EastCoastRail www.facebook/@EASTCOASTRailway1